# ଅନୁଦାନ ଦାବିରେ ଡିଏଭି ମହାବିଦ୍ୟାଳୟରେ ତାଲା

**ଟିଟିଲାଗଡ଼, ୨୯ ।୩(ସମିସ)**



ଟିଟିଲାଗଡ଼ ଡ଼ିଏଭି ସ୍ବୟଂ ଶାସିତ ମହାବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ସରକାରୀ ଅନୁଦାନ ଦାବିରେ ଶବିବାର ମହାବିଦ୍ୟାଳୟର ଗେଟ ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ଅଧ୍ୟାପକ ତଥା ଅନ୍ୟ କର୍ମଚାରୀ ପ୍ରବେଶ ବାଟ ବନ୍ଦ ସହ ଶିକ୍ଷାଦାନ ଏବଂ ଅନ୍ୟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କର୍ମଚାରୀ ଅଭିଯୋଗ କରିଛନ୍ତି ଯେ ୨୦୦୪ ତଥା ପରବର୍ତ୍ତୀ ବର୍ଷ ଗୁଡିକରେ ଅଧ୍ୟାପକ ଏବଂ ଅନେକ କର୍ମଚାରୀ ନିୟମିତ ହୋଇଥିବା ବେଳେ ସେମାନେ ବାରମ୍ବାର ସରକାରଙ୍କ ଅନୁଦାନ ନୀତିରୁ ବାଦ ପଡ଼ିଆସିଛନ୍ତି। କଲେଜ ପରିଚାଳନା କମିଟି ପକ୍ଷରୁ ପ୍ରଦାନ କରାଯାଉଥିବା ଶାନ୍ତ୍ଵନାମୂଳକ ପାଉଣାରେ ପରିବାରର ଗୁଜୁରାଣ କଷ୍ଟ ସାଧ ହୋଇପଡ଼ିଛି। ଅନୁଦାନରୁ ବଞ୍ଚିତ ୧୫ ଜଣ କର୍ମଚାରୀଙ୍କ ପ୍ରତି ସରକାରଙ୍କ ଅନ୍ୟାୟ ସୀମା ଲଙ୍ଘିଛି। ଏନେଇ ସରକାର ତୁରନ୍ତ ବିଚାର ସହ ସମାନ କାମକୁ ସମାନ ନୀତିରେ ସେମାନଙ୍କୁ ମଧ୍ୟ ନିୟମିତ କରାଯିବାକୁ ଧାରଣାରତ କର୍ମଚାରୀ ଭୈରବ ବେହେରା, ଡିଙ୍ଗର ବାରିକ, ରାଷ୍ଟ୍ର ବାଗ, କାହ୍ନୁ ପ୍ରଧାନ, ବିଷ୍ଣୁଧର ବାଗ, ଜୟରାମ ନାଗ, କୁଞ୍ଜ ବିହାରୀ ଯାଦବ, ବଳଭଦ୍ର ତାଣ୍ଡି, ଲକ୍ଷ୍ମୀ ନାଏକ, ବିମ୍ବାଧର ଠେଲା, କିଶୋର କୁମ୍ଭାର, ଯଶ୍ବି ନାଏକ, ପ୍ରେମ ଦୀପ ପରମାନନ୍ଦ ପ୍ରଧାନ, ଅଭିରାମ ମାଝୀ, କିଶୋର କୁମ୍ଭାର, ସତ୍ୟଞ୍ଜିବି ଛତ୍ରିଆ, ଲକ୍ଷ୍ମୀ ନାଏକ ପ୍ରମୁଖ ଦାବି କରିଛନ୍ତି। ଏନେଇ ଭାରପ୍ରାପ୍ତ ମାଜିଷ୍ଟ୍ରେଟ ସନ୍ଦୀପ ଚନ୍ଦ୍ରକାର ଧାରଣା ସ୍ଥଳକୁ ଆସି କର୍ମଚାରୀଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଅନ୍ୟପକ୍ଷରେ ଘଟଣା ନେଇ କଲେଜ ଅଧ୍ୟକ୍ଷ ପ୍ରଣବ କିଶୋର ପୁରୋହିତଙ୍କୁ ପଚାରିବାରୁ ଅନୁଦାନ ପ୍ରଦାନ ପାଇଁ କର୍ମଚାରୀଙ୍କ ନାମ ଉଚ୍ଚ ଶିକ୍ଷା ବିଭାଗକୁ ପଠାଇ ଦିଆଯାଇଥିବା କହିଛନ୍ତି।

## ■ ବିଜେପି ନେତାଙ୍କ ଦାଦାଗିରି

# ଫଲ୍ସ ବିଲ୍‌ରେ ଦସ୍ତଖତ ନଦେବାରୁ ଯନ୍ତ୍ରୀଙ୍କୁ ଆକ୍ରମଣ

**ବଲାଙ୍ଗିର, ୨୯।୩(ସମିସ):** ବଲାଙ୍ଗିର ଜିଲ୍ଲାର ପାଟଣାଗଡ଼ ଉପଖଣ୍ଡରେ ଏବେ ବିଜେପି ନେତାଙ୍କ ଉତ୍ପାତ ଚରମ ସୀମାରେ ପହଞ୍ଚିଛି। ଯାହାଫଳରେ ପାଟଣାଗଡ଼ ଉପଖଣ୍ଡର ବିଭିନ୍ନ ବ୍ଲକରେ ଥିବା ସରକାରୀ କାର୍ଯ୍ୟାଳୟରେ ଅଧିକାରୀ, କର୍ମଚାରୀ ଅତିଷ୍ଠ ହେଲେଣି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାର ଖପ୍ରାଖୋଲ ବ୍ଲକରେ କାମ ନକରି ଫଲ୍ସ ବିଲରେ ଦସ୍ତଖତ କରିବାକୁ ବିଜେପି ନେତା ଜଣେ କନିଷ୍ଠ ଯନ୍ତ୍ରୀଙ୍କୁ ଚାପ ପକାଇବା ଏବଂ ମରଣାନ୍ତକ ଆକ୍ରମଣ କରିବା ଘଟଣା ଜିଲ୍ଲାରେ ଚହଳ ପକାଇଛି।

ମିଳିଥିବା ସୂଚନା ଅନୁସାରେ ଖପ୍ରାଖୋଲ ବ୍ଲକ ଅର୍ନ୍ତଗତ ସାହାଜପାଣି ପଞ୍ଚାୟତର ସମିତି ସଭ୍ୟ ତଥା ଖପ୍ରାଖୋଲ ଅଞ୍ଚଳର ବିଜେପି ନେତା ଉପେନ୍ଦ୍ର ଭୋଇ କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ କନିଷ୍ଠ ଯନ୍ତ୍ରୀ ଲୋହିତ କିଶୋର ବଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁଣ୍ଡା ଲଗାଇ ମାରଣାସ୍ତ୍ରରେ ଆକ୍ରମଣ କରି କନିଷ୍ଠ ଯନ୍ତ୍ରୀଙ୍କୁ ଲହୁଲହାଣ କରିଛନ୍ତି। ଘଟଣାକୁ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନଥିଲେ ହେଁ ଚାରିଆଡେ ଚର୍ଚ୍ଚାର ବିଷୟ ପାଲଟିଛି।ପ୍ରକାଶ ଯେ କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ କୌଣସି ପ୍ରକଳ୍ପ କାମ କରିବାକୁ କୁହାଯାଇଥିବା ବେଳେ ଉପେନ୍ଦ୍ର ଭୋଇ ସେହି କାମର ଫଲ୍ସ ବିଲ କରିବାକୁ ସମ୍ପୃକ୍ତ ଜେଇଙ୍କ ଉପରେ ଚାପ ପକାଉ ଥିଲେ। କିନ୍ତୁ ଜେଇ ବିଲରେ ଦସ୍ତଖତ କରିବାକୁ ମନା କରୁଥିଲେ। ଶୁକ୍ରବାର ଉପେନ୍ଦ୍ର ଭୋଇ କିଛି ଗୁଣ୍ଡାଙ୍କୁ ନେଇ ଆସି ଜେଇଙ୍କୁ ମାଡ ମାରିବା ଆରମ୍ଭ କରିଥିଲେ।ଜେଇ ଲୋହିତ କିଶୋର ବଳଙ୍କ ମୁଣ୍ଡ ଓ ମୁହଁ ଫାଟି ପ୍ରବଳ ରକ୍ତସ୍ରାବ ହୋଇଥିଲା। ତୁରନ୍ତ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ନେଇ ଚିକିତ୍ସା କରାଯାଇଥିଲା। ଏ ସମ୍ପର୍କରେ ଜାଣିବାକୁ ଆମେ ଆକ୍ରମଣର ଶିକାର ହୋଇଥିବା କନିଷ୍ଠ ଯନ୍ତ୍ରୀ ଲୋହିତ କିଶୋର ବଳଙ୍କୁ ଯୋଗାଯୋଗ କରିଥିଲୁ। ତାଙ୍କର କହିବା କଥାଯେ ଆକ୍ରମଣକାରୀ ଉପେନ୍ଦ୍ର ଭୋଇ ତାଙ୍କର ଭୁଲ ବୁଝିପାରି କ୍ଷମା ପ୍ରାର୍ଥନା କରିଥିବାରୁ ସେ ଏତଲା ଦେଲେ ନାହିଁ। ବିଜେପି ନେତାଙ୍କ ଏଭଳି ଦାଦାଗିରୀ ଆଦୌ ଗ୍ରହଣୀୟ ନୁହେଁ।ଏଭଳି କାଣ୍ଡ ଭିଆଉଥିବା ନେତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ନିହାତି ଆବଶ୍ୟକ ବୋଲି ବିଭିନ୍ନ ମହଲରେ ଦାବି ହେଉଛି।

# 'ଆମ ସଂସ୍କୃତି, ଆମ ଖେଳନା' କାର୍ଯ୍ୟକ୍ରମ



**ଦେଓଗାଁ, ୨୯।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ବସନ୍ତ ମନହୀରାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଗୋବିନ୍ଦ ମେହେର, ଧୋବାଇ ଚରଣ ପଟେଲ, ଡ.ରଞ୍ଜନ କୁମାର ପାଣିଗ୍ରାହୀ, ଧ୍ରୁବାଦଳ ଘିଭେଲା, ଅଧ୍ୟାପିକା ଶୁଭଶ୍ରୀ ସାହୁ, ଜ୍ୟୋତି ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଖେଳନା, ସଂସ୍କୃତି ଓ ପାଠ୍ୟକ୍ରମ, ପ୍ଲାଷ୍ଟିକର ଅପବ୍ୟବହାର, ପରିବେଶ ସନ୍ତୁଳନ ଏବଂ ବିଜ୍ଞାନ ସମ୍ବନ୍ଧିୟ ଚିନ୍ତାଧାରାରେ ବିକାଶ ଦିଗରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ପରୀକ୍ଷାରେ କୃତିତ୍ୱ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ନିହାରୀକା ମହାକୁର, ସ୍ମୃତି ସେଲମା, ପୂଜା ସିଞ୍ଚିନ୍ଦା, ଥବିର ସାହୁ, ଗୀତା ପଥିମାଲି, ଶ୍ରଦ୍ଧାମୟୀ ସେଠ, ବୈଷ୍ଣବୀ ଜଟି, ସୁରେନ୍ଦ୍ର ନନ୍ଦ ଏବଂ ସୁମିତ ରଣାଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ସରକାରୀ ଯୋଜନାରୁ ବଞ୍ଚିତ ଦିବ୍ୟାଙ୍ଗ ପ୍ରଭାତ

**ସିନ୍ଧେକେଲା, ୨୯ ।୩(ସମିସ):** ଦିବ୍ୟାଙ୍ଗଙ୍କ ପାଇଁ ସରକାରୀଙ୍କ ବହୁ ଯୋଜନା ରହିଛି। କିନ୍ତୁ ୮ ବର୍ଷର ମାନସିକ ରୋଗୀ ପାଇଁ ଯୋଜନା ଅପହଞ୍ଚ ହୋଇପଡ଼ିଛି। ବଲାଙ୍ଗିର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅଲଣ୍ଡା ପଞ୍ଚାୟତର ଭୀଷ୍ମ ପୁଞ୍ଜିଙ୍କ ପୁଅ ପ୍ରଭାତ ପୁଞ୍ଜି ଜନ୍ମରୁ ମାନସିକ ରୋଗୀ। ୮ ବର୍ଷ ପରେ ମଧ୍ୟ ମିଳୁନି ସରକାରୀ ଯୋଜନା। ହସିବା ଖେଳିବା ବୟସରେ ଘରେ ବନ୍ଧାହୋଇ ପଡ଼ି ରହୁଛି ୮ ବର୍ଷର ଶିଶୁ ପ୍ରଭାତ ପୁଞ୍ଜି। ଜନ୍ମରୁ ମାନସିକ ଅନଗ୍ରସର। ବହୁ ଚିକିତ୍ସା ପରେ ମଧ୍ୟ ପୁଅର ମାନସିକ ଅବସ୍ଥାରେ ସୁଧାର ଆସୁନାହିଁ।ଏହି ଗରିବ ପରିବାର ଧାରକରଜ କରି ବଲାଙ୍ଗିର, ଭବାନୀପାଟଣା,



ରାୟପୁର ଆଦି ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା କରିସାରିଲେଣି। କିନ୍ତୁ ପୁଅର ମାନସିକସ୍ତରରେ ଉନ୍ନତି ଘଟୁ ନାହିଁ କେତେବେଳେ କେମିତି ମାନସିକ ଅବସ୍ଥା ବିଗିଡିଗଲେ ନିୟନ୍ତ୍ରଣରେ ରଖି ହେଉନାହିଁ। ବାଧ ହୋଇ କାମ ଧନ୍ଦା ଛାଡି ସବୁବେଳେ ପୁଅ ପାଖରେ ଜଗି ରହୁଛନ୍ତି ମାଆ ଭୁମିସୁତା। ପୁଅର ସେବା, ଯତ୍ନରେ ସମୟ ବିତିଯାଉଛି। ପୁଅର ମାନସିକ ଅବସ୍ଥା ସହ ପେଟର ଜ୍ୱାଳା ଆହୁରି ଦୟନୀୟ। ବାପା ମଜୁରୀ କରି ପରିବାର ପ୍ରତିପୋଷଣ କରନ୍ତି।ପୁଅର ଏଭଳି ଅବସ୍ଥା ଯୋଗୁଁ ମାଆ କାମ କରିବାକୁ ଯାଇ ପାରନ୍ତି ନାହିଁ। ବହୁ କଷ୍ଟରେ ପରିବାର ଚଳୁଥିବା ବେଳେ ଭିନ୍ନକ୍ଷମ ଭତ୍ତା ମଧ୍ୟ ମିଳିନାହିଁ। ଭତ୍ତା ମିଳିଲେ ପୁଅର ଔଷଧ ଖର୍ଚ୍ଚ ହୋଇ ପାରନ୍ତା ବୋଲି କୁହନ୍ତି ମାଆ ଭୁମିସୁତା। କେବଳ ଚାଉଳ ଗଣ୍ଡାକ ମିଳୁଛି। ଯାହା ଥିଲା ପୁଅର ଚିକିତ୍ସାରେ ଖର୍ଚ୍ଚ ହୋଇସାରିଛି। ଧାର କରଜ କରି ଚିକିତ୍ସା ମଧ୍ୟ କରିସାରିଲେଣି କିନ୍ତୁ, ପୁଅର ସ୍ୱାସ୍ଥ୍ୟଗତ ଉନ୍ନତି ହେଉନାହିଁ। କୁନିକୁନି ଶିଶୁଙ୍କ ସହ ମିଶି ଖେଳିବା, ପାଠ ପଢ଼ିବା ବୟସରେ ପୁଅର ଏଭଳି ଅବସ୍ଥାରେ ଭାଙ୍ଗିପଡ଼ିଛନ୍ତି ପରିବାର ଲୋକେ। ସାମର୍ଥ୍ୟ ମତେ ଚିକିତ୍ସା ମଧ୍ୟ କରିସାରିଲେଣି। ପୁଅର ଏଭଳି ଦୟନୀୟ ଅବସ୍ଥା ଯୋଗୁଁ ପରିବାର ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ଅର୍ଥାଭାବରୁ ପୁଅର ଚିକିତ୍ସା କରିବାରେ ସକ୍ଷମ ନୁହଁନ୍ତି। ସରକାରୀ, ବେସରକାରୀ ଅନୁଷ୍ଠାନ କିମ୍ବା ବଦାନ୍ୟ ବ୍ୟକ୍ତି ଆର୍ଥିକ ସାହାଯ୍ୟ କଲେ ଉଚ୍ଚତର ଚିକିତ୍ସା କରିପାରନ୍ତେ ବୋଲି ଆଶା କରିଛନ୍ତି ପରିବାର ଲୋକେ। ସେପଟେ ବଙ୍ଗୋମୁଣ୍ଡା ବିଡିଓ ଏଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତ।

# ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ

**ବଲାଙ୍ଗିର, ୨୯ ।୩(ସମିସ):** ସ୍ଥାନୀୟ ଟାଉନ ବାଳିକା ହାଇସ୍କୁଲ ସଭାଗୃହ ରେ ବଲାଙ୍ଗିର ବୈଧ ମାପ ବିଜ୍ଞାନ ବିଭାଗ ସହଯୋଗରେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ ବଲାଙ୍ଗିର ଶାଖା ଦ୍ଵାରା ବିଶ୍ୱ ଖାଉଟି ଅଧିକାର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଗ୍ରାହକ ପଞ୍ଚାୟତ ଜିଲ୍ଲା ଶାଖା ସଭାପତି ଗୋପବନ୍ଧୁ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଖାଉଟି ବିଷୟକ ଅଧିକାରୀ ତଥା ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଡ.ବିଜୟା ନନ୍ଦ ସେଠୀ ମୁଖ୍ୟଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଶ୍ରୀ ସେଠୀ କ୍ରେତା ବିକ୍ରେତାଙ୍କ ସମନ୍ୱୟ ଶୋଷଣ ମୁକ୍ତ ସମାଜ ଗଠନରେ ସହାୟକ ହେବ ବୋଲି ବକ୍ତବ୍ୟ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଆଖିଳ ଭାରତୀୟ ଗ୍ରାହକ ପଞ୍ଚାୟତ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ରାଧାମାଧବ ବହିଦାର କହିଲେ ଦେଶରେ ବିକ୍ରେତାମାନେ ଖାଉଟିମାନଙ୍କୁ ଯେପରି ଲୁଟି ଚାଲିଛନ୍ତି ସେଥିରୁ ସେମାନଙ୍କ ଦେଶ ପ୍ରୀତି କିପରି ଜଣା ପଡୁଛି। 'ପରିବର୍ତ୍ତିତ ସ୍ଥାୟୀ ଜୀବନ ଶୈଳୀ ପାଇଁ ଆହ୍ୱାନ'ଶୀର୍ଷକ ଆଲୋଚନାରେ ଆଜିର ବ୍ୟବସ୍ଥାରେ ପରିବର୍ତ୍ତନ ନ ଘଟିଲେ ଆମେ ଅମର ପରମ୍ପରା ସାମାଜିକ ସମ୍ପର୍କ ଜୀବନଶୈଳୀରେ ହେଉଥିବା ପରିବର୍ତ୍ତନକୁ ଗ୍ରହଣ କରି ଅମର ଭବଷ୍ୟତ ପିଢୀକୁ ଧ୍ୱଂସ ଆଡ଼କୁ ନେଇ ଯାଉଛୁ ବୋଲି କହିଥିଲେ। ଆମେ ଯଦି ପରିବେଶ ଜମି ଜଳ ଜଙ୍ଗଲ କୁ ସୁରକ୍ଷା ଦେଇ ବ୍ୟବସ୍ଥିତ କଲେ ସୁରକ୍ଷିତ ରହିବା ବୋଲି କହିଥିଲେ। ସମ୍ମାନିତ ଅତିଥି ଭବରେ ବଲାଙ୍ଗିର ନଗରପାଳ ଶ୍ରୀମତି ଲିକା ସାହୁ ହେଉଥିବା ଅନଲାଇନ ଠକାମୀ ବୃଦ୍ଧି ପାଉଥିବାରୁ ଚିନ୍ତା ବ୍ୟକ୍ତ କରି ଏଦିଗରେ ଅଧିକ ସଚେତନ ହୋଇ ଅଳ୍ପ ସମୟରେ ଅଧିକ ଲାଭ ଲୋଭ ମନୋବୃତ୍ତି ପରିହାର କରିବା ଉପରେ ମତ ଦେଇଥିଲେ। ଜିଲ୍ଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ସାହୁ ଖାଉଟି ବିଷୟ ଉପରେ ନିଜ ବକ୍ତବ୍ୟ ରଖିଥିଲେ। ପ୍ରଥମେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ଉପରେ ଉପନିୟନ୍ତ୍ରକ ବୈଧ ମାପ ବିଜ୍ଞାନ ରଞ୍ଜନ ରଶ୍ମୀ ପରିଡ଼ା ବକ୍ତବ୍ୟ ରଖିଥିଲେ। ବିଭାଗ ଦ୍ୱାରା ନେଇଥିବା



ବିଭିନ୍ନ ବ୍ୟବସ୍ଥା ଉପରେ ସୂଚନା ଦେଉଥିଲେ।ଗ୍ରାହକ ର ଅଧିକାର କଣ ଏଥିପାଇଁ ନେବାକୁ ଥିବା ବିଭିନ୍ନ ବିଷୟ ଉପରେ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ଶରତ କୁମାର ରାଉତ, ବକ୍ତବ୍ୟ ରଖିଥିଲେ। ସଭାପତି ଶତପଥୀ ସଭାପତି ଅଭିଭାଷଣରେ ଗ୍ରକାକ ପଞ୍ଚାୟତ ସଚେତନତା ଡିଗରେ ବିଭିନ୍ନ ବିଷୟ ରଖି ଥିଲେ। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା।ବରିଷ୍ଟ ସଦସ୍ୟ ଅଶୋକ ମିଶ୍ର ଗ୍ରହାକଗୀତ ଓ ଶେଷରେ ଶାନ୍ତି ପାଠ କରିଥଲେ। କାର୍ଯ୍ୟକ୍ରମକୁ କସ୍ତୁରୀ ରଥ ପରିଚାଳନା କରି ଥିଲେ। ଶେଷରେ ରଞ୍ଜିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଉପସଭାପତି ମହେଶ୍ୱର ସହୁ, କୋଷାଧ୍ୟକ୍ଷ ନବକୃଷ୍ଣ ପଟେଲ, ରାଜ୍ୟ ମହିଳା ସଂଯୋଜିକା ସଂଯୁକ୍ତା ମିଶ୍ର, ସହସମ୍ପାଦିକା ନିହାରିକା ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଦିବାକର ହୋତା ଓ ଅନ୍ୟାନ୍ୟ ସଭ୍ୟ ସହଯୋଗ କରିଥିଲେ।

# ପୁଟକେଲଚୁଆଁ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଖପ୍ରାଖୋଲ, ୨୯ ।୩(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ଘୁନସର ପଞ୍ଚାୟତର ପୁଟକେଲଚୁଆଁ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।ପ୍ରଧାନଶିକ୍ଷକ ଘନଶ୍ୟାମ ପଶାୟତ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଘୁନସର ପଞ୍ଚାୟତର ସରପଞ୍ଚ ଅନୁସୂୟା ସାହୁ ଯୋଗଦେଇ ଥିବା ବେଳେ ମୁଖ୍ୟବକ୍ତା ଭାବରେ ଟିକେନ୍ଦ୍ର ଜାଲ, ସମ୍ମାନିତ ଅତିଥି ଭାବରେ ଲକ୍ଷେ ସିଂ ଜାଲ, ସମାଜସେବୀ ଗୁପ୍ତେଶ୍ୱର କୁଅଁର, ଧରମ ସିଂ ଧରୁଆ, ଧନମତି କୁଅଁର, ରତିଦେବ ପାଲ, ଦେବକୀ ବାଗ ପ୍ରମୁଖ ଯୋଗ ଦେଇଥିଲେ।ଏହି ଅବସରରେ ପୂର୍ବରୁ ଛାତଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରମାଣପତ୍ର ସହ ପୁରସ୍କାର ଓ ଟ୍ରଫି ପ୍ରଦାନ କରିଥିଲେ।ବିଦ୍ୟାଳୟ ଅରିଚାଳନା ସମିତି ଓ ସମସ୍ତ ଛାତ୍ର କର୍ତ୍ତା କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ।କାର୍ଯ୍ୟକ୍ରମକୁ ମୋଟିଲାଲ ତାଣ୍ଡି ପରିଚାଳନା କରିଥିବା ବେଳେ ଧନ୍ୟବାଦ ଅର୍ପଣ ଭରତ ବାରିକ କରିଥିଲେ। ବିଦ୍ୟାଳୟର ଶିକ୍ଷକ ତଥା କର୍ମଚାରୀ ସହିତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟ ଉପସ୍ଥିତ ଥିଲେ।

# ସାରସବାହାଲ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଦେଓଗାଁ, ୨୯ ।୩(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁବ୍ଲକସାରସବାହାଲପ୍ରାଥମିକବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷାଅଧିକାରୀ କବିରାଜ ମାଝୀ, ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ ତେଜ ହରପାଲ, ମୁଖ୍ୟବକ୍ତା ବହଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପବନ୍ଧୁ ମେହେର ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ସୁରେଶ ରଣା, ଗୋଏଲପିଟା ପ୍ରଧାନ ଶିକ୍ଷକ ବାବୁଲାଲ ସିଂ, କୁତୁର୍ଲା ପ୍ରଧାନଶିକ୍ଷକ ମୋତିଲାଲ ସିଂ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସାହୁ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ସହକାରୀ ଶିକ୍ଷୟତ୍ରୀ ସୁପ୍ରିୟା ତନ୍ମୟୀ ସାହୁ ଧନ୍ୟବାଦ ଦେଇଥିଲେ।ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସାରସବାହାଲ ପରିଚାଳନା କମିଟୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।



# କୋଶଲି ନାଟବାଦୀ-ନାଟଯାତ୍ରା ଉଦ୍‌ଯାପିତ




**ବଲାଙ୍ଗିର, ୨୯ ।୩(ସମିସ):** ସଦାଇପାଲି ରାମଜୀ ଯୁବକ ସଂଘ ପକ୍ଷରୁ ପଲ୍ଲିଶ୍ରୀ ବିହାରସ୍ଥିତ ରାଧାକୃଷ୍ଣ ମଣ୍ଡପରେ ଗତ ବୁଧବାରରୁ ଚାଲିଥିବା ରାଜ୍ୟସ୍ତରୀୟ କୋଶଲି ନାଟବାଦୀ-ନାଟଯାତ୍ରା ଶବିବାର ଉଦ୍‌ଯାପିତ ହୋଇଯାଇଛି। ଉଦଯାପନ ଉତ୍ସବରେ ସାମାଜିକ କର୍ମୀ ସୁଲୋଚନା ମିଶ୍ର ମାଁ ସମଲେଇଶ୍ୱରୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରି ପୂଜାର୍ଚ୍ଚନା ପରେ ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ଭାସ୍କର ରାୟ ମେହେଟା ଓ ଲୀଳା ନାଟକ କଳାକାର ସ୍ୱର୍ଗତ ତୀର୍ଥ ସାହୁଙ୍କ ସ୍ମୃତି ରେ ମଞ୍ଚ ସମର୍ପଣ କରାଯାଇଥିଲା। ରାମଜୀ ଯୁବକ ସଂଘର ସମ୍ପାଦକ ଡ. ନାରାୟଣ ପ୍ରସାଦ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।ସାଇଟ୍ କଲେଜର ପ୍ରତିଷ୍ଠାତା ତଥା ବିଶିଷ୍ଟ ସମାଜସେବୀ ଡ. ଶ୍ରୀକର ମିଶ୍ର ଅତିଥି ପରିଚୟ ପ୍ରଦାନ କରି ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସର ରେ ଦିର୍ଘ ଅର୍ଦ୍ଧ ଶତାବ୍ଦି ଧରି ତାଙ୍କ ସଂସ୍ଥା କିପରି କ୍ରୀଡାର ତଥା ନାଟକର ଉନ୍ନତି ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଡି ହୋଇ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ତଥା ଅର୍ଥନୈତିକ ଉନ୍ନତିରେ ଆଗେଇ ଚାଲି ସମସ୍ତଙ୍କ ର ଆସ୍ଥାଭାଜନ ହୋଇପରିଛି ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ ଯୋଗଦାନ କରି ନାଟ୍ୟ କାର୍ଯ୍ୟକ୍ରମ ସହ ଏହି ସଂସ୍ଥା ବିଭିନ୍ନ ଜନହିତକର କାର୍ଯ୍ୟକରି ଜିଲ୍ଲାର ଗୌରବ ବଢ଼ାଉଛି ବୋଲି କହିଥିଲେ। ଡ.ପ୍ରମୋଦ କୁମାର ମିଶ୍ର ତାଙ୍କର ସଭାପତିତ୍ୱ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ନାଟ୍ୟ କଳାକାର ଶମ୍ଭୁ ପ୍ରସାଦ ନାଏକ, ରାଜେନ୍ଦ୍ର କୁମାର ମିଶ୍ର, ଲଳିତ ପୁଜାରୀ, ରାମ ପ୍ରସାଦ ଦାଶ ଓ ଶୈଳେନ୍ଦ୍ରୀ ବାରିକଙ୍କୁ ନାଟକ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା।ଶେଷରେ ହୀମାଂଶୁ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ଶେଷରେ ସାଇଟ୍ ନର୍ସିଂ, ଇଂଜିନିୟରିଂ ତଥା ଡିଏମଏଲଟିର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ସହ ସାଇଟ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ତୃପ୍ତିମୟୀ ମିଶ୍ର, ନମିତା ପଟେଲ, ଲୋପାମୁଦ୍ରା ମିଶ୍ର, ବୃନ୍ଦାବନ ମହାକୁର, ଅଶୋକ ପଧାନ, ପ୍ରଶାନ୍ତ ତ୍ରିପାଠୀ, ସନ୍ତୋଷ ବ୍ରହ୍ମା, ଆଦିତ୍ୟ ପଟ୍ଟନାୟକ, ପ୍ରହ୍ଲାଦ ଦର୍ଜି, ପ୍ରଫୁଲ୍ଲ ମିଶ୍ର, ପ୍ରେମାନନ୍ଦ ସାଏ, ଲୋକନାଥ ସିଂହ ଆଦି ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ଓକିଲ ସଂଘର ନିର୍ବାଚନ

## ବାସୁ ସଭାପତି, ସଞ୍ଜୟ ସମ୍ପାଦକ



**ବଲାଙ୍ଗିର, ୨୯।୩(ସମିସ)**

ବଲାଙ୍ଗିର ଜିଲ୍ଲା ଓକିଲ ସଂଘର ନିର୍ବାଚନ ବଲାଙ୍ଗିରବାର ଠାରେ ଅନୁଷ୍ଠିତ ହୋଇ ଯାଇଛି। ବାର ହଲରେ ନିର୍ବାଚନ ଅଧିକାରୀ ବରିଷ୍ଠ ଓକିଲ ତଥା ନିର୍ବାଚନ ଅଫିସର ଗୋପାଳ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାରେ ସମ୍ପାଦିତ ହୋଇଯାଇଛି। ୨୦୨୫-୨୬ ବର୍ଷ ପାଇଁ ହୋଇଥିବା ନିର୍ବାଚନରେ ସଭାପତି ଭାବେ ବାସୁଦେବ ରଥ, ଉପସଭାପତି ସୁଧାଂଶୁ ଶେଖର ଦେଓ, ସମ୍ପାଦକ ସଞ୍ଜୟ କୁମାର ବଗର୍ତି, ସହସମ୍ପାଦକ ସୁମିତ କୁମାର ଖୁଆସ, କୋଷାଧ୍ୟକ୍ଷ ସମୀର କୁମାର ମିଶ୍ର ନିର୍ବାଚିତ ହୋଇଥିବା ବେଳେ, କାର୍ଯ୍ୟକାରୀ ସଦସ୍ୟ ଭାବେ ଆର୍ତ୍ତତ୍ରାଣ ପୁରୋହିତ, ପ୍ରମୋଦ କୁମାର ତ୍ରିପାଠୀ, ସରୋଜ କୁମାର ଗୁପ୍ତା, ଶଙ୍କର କୁମାର ମିଶ୍ର, ରାଜେନ୍ଦ୍ର ମିଶ୍ର, ମଳୟ ରଞ୍ଜନ ଗଡ଼ତିଆ, ଦିପ୍ତି ଶର୍ମା, ଗୋବିନ୍ଦ ଚହନ୍ଦ୍ର ମାହାନ୍ତି, ଶିଦ ଦ୍ୱିବେଦି, ଭବାନୀ ଶଙ୍କର ଭୌଇ, ସବିତା ରାଣୀ ମିଶ୍ର ଓ ପ୍ରଦୀପ କୁମାର ମହାପାତ୍ର ନିର୍ବାଚିତ ହୋଇଛନ୍ତି। ତେବେ ନୁତନ କମିଟି ବାରର ସମ୍ମାନକୁ ଆଗକୁ ନେବା ସହ ଅବଶ୍ୟକତା ଉପରେ ବିଶେଷ ଧ୍ୟାନ ଦେବେ ବୋଲି ପ୍ରକାଶ କରିଛନ୍ତି।

## ସଭାପତି ସୁବୋଧ ଓ ସମ୍ପାଦକ ଫିରୋଜ

**ସଇଁତଲା, ୨୯ ।୩(ସମିସ):** ରାଜ୍ୟ ଓକିଲ ସଂଘର ନିର୍ଦ୍ଦେଶକ୍ରମେ ସଇଁତଲ ଓକିଲ ସଂଘର ନିର୍ବାଚନ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ସଭାପତି ଭାବରେ ସୁବୋଧ କୁମାର ମିଶ୍ର ଓ ସତ୍ୟନାରାୟଣ ସାହୁ ନାମାଙ୍କନ ଦାଖଲ କରିଥିବା ବେଳେ ଯୁଗ୍ମ ସମ୍ପାଦକ ଭାବରେ ମନୋଜ କୁମାର ପୃଷ୍ଟେଠ ଓ ସୋମନାଥ ପଧାନ ନାମାଙ୍କନ କରିଥିଲେ। ଅନ୍ୟପକ୍ଷରେ ଉପ ସଭାପତି ଭାବରେ ହିମାଂଶୁ ଶେଖର ଦାଶ, ସମ୍ପାଦକ ଭାବରେ



ଫିରୋଜ କୁମାର ବଗର୍ତ୍ତି, କୋଷାଧ୍ୟକ୍ଷ ଭାବରେ ପ୍ରଦୀପ କୁମାର ମାଝୀ ନିର୍ଦ୍ୱନ୍ଦ୍ୱରେରେ ନିର୍ବାଚିତ ହୋଇଛନ୍ତି। ସଭାପତି ଭାବରେ ସୁବୋଧ କୁମାର ମିଶ୍ର ୩୪ ଖଣ୍ଡ ଭୋଟ ପାଇ ବିଜୟୀ ସତ୍ୟନାରାୟଣ ସାହୁ୧୧ ଖଣ୍ଡ ଭୋଟ ପାଇଥିଲେ। ସେହିପରି ଯୁଗ୍ମ ସମ୍ପାଦକ ଭାବରେ ମନୋଜ କୁମାର ପୃଷ୍ଟେଠ ୩୪ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବାବେଳେ ସୋମନାଥ ପଧାନ ୧୧ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ। ନିର୍ବାଚନକୁ ବରିଷ୍ଠ ଆଇନଜୀବୀ ରାଧେଶ୍ୟାମ ସାହୁ ଓ ଆଇନଜିବୀ ଶିବ ପ୍ରସାଦ ବାରିକ ପରିଚାଳନା କରିଥିଲେ। ଓକିଲ ଦ୍ରୋପଦୀ ପାତ୍ର, ଜ୍ୟୋତ୍ସ୍ନାରାଣୀ ବାଗ, ମନୋରଞ୍ଜନ ପୃଷ୍ଟେଠ, ମାନସ ରଞ୍ଜନ ରଣା ଓ ଟୁନୁ ରାଜପାଲିଆ କାର୍ଯ୍ୟକାରିଣୀ ସଦସ୍ୟ ଭାବରେ ମନୋନୀତ ହୋଇଛନ୍ତି। ସଭାପତି ଭାବରେ ସୁବୋଧ କୁମାର ମିଶ୍ର ବିଜୟୀ ହେବାପରେ ତାଙ୍କୁ ସଇଁତଲା ସାମ୍ବାଦିକ ସଂଘ ତଥା ବଣିକ ସଂଘ ସଭାପତି ତରୁଣ ବେହେରା, ବିଭିନ୍ନ ସଂଗଠନ, ରାଜନୈତିକ ଦଳ ତରଫରୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ସୁଧାଂଶୁ ସଭାପତି, କୈଳାସ ସମ୍ପାଦକ

**ବଙ୍ଗୋମୁଣ୍ଡା, ୨୯ ।୩(ସମିସ):** ଓଡ଼ିଶା ଓକିଲ ସଂଘ ନିର୍ଦ୍ଦେଶକ୍ରମେ ଶନିବାର ଦିନ ବଙ୍ଗୋମୁଣ୍ଡା ଓକିଲ ସଂଘର ୨୦୨୫-୨୬ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବେଦାନ୍ତ ସାହୁ ନିର୍ବାଚନ ଅଧିକାରୀ ଭାବେ ନିର୍ବାଚନ ପରିଚାଳନା କରିଥିବା ବେଳେ ବରିଷ୍ଠ ଆଇନଜୀବୀ ସୁଧାଂଶୁ ଦାସଙ୍କୁ ସଭାପତି ଭାବେ ନିର୍ବାଚିତ କରାଯାଇଛି। ଦ୍ୱିତୀୟ ଥର ପାଇଁ ଶ୍ରୀ ଦାସ ସଭାପତି ହୋଇଛନ୍ତି। ସମ୍ପାଦକ ଭାବେ କୈଳାସ ବିଶ୍ୱାଳ, ଉପସଭାପତି ପ୍ରଦୀପ ଶର୍ମା, ଯୁଗ୍ମସମ୍ପାଦକ ହେମନ୍ତ ନାୟକ, ସହସମ୍ପାଦକ ବୁଦ୍ଧଦେବ ଭରାସଗରିଆ, ଗ୍ରନ୍ଥାଗାର ସମ୍ପାଦକ ଦିନେଶ ତାଣ୍ଡି, କୋଷାଧ୍ୟକ୍ଷ ସନ୍ତୋଷ ପୁରୋହିତ, କାର୍ଯ୍ୟକାରୀ ସଦସ୍ୟ ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ରାଓ, ରାଜୁ କୁମ୍ଭାର, ସୌଦାଗର ସାହୁ, ନଳୀନି ମେହେର, ମିତ୍ରଭାନୁ ମେହେର, ଯଶପାଲ ମେହେର, ବେଦାନ୍ତ ସାହୁ, ପଦ୍ମଲୋଚନ ସାହୁ, ସୁବାସ ମହାନନ୍ଦ, ସୁନିଲ ପୁଟେଲ, ମନ୍ଦାକିନୀ ତାଣ୍ଡି ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଲୋକଙ୍କୁ ଉଚିତ ନ୍ୟାୟ ପ୍ରଦାନ ନିମିତ୍ତ ସଂଘ କାର୍ଯ୍ୟ କରିବ ବୋଲି ସଂଘ ସଭାପତି ଶ୍ରୀ ଦାସ କହିଛନ୍ତି।



# ଓକିଲ ସଂଘ ପାଇଲା ନୂଆ କର୍ମକର୍ତ୍ତା



**ଭବାନୀପାଟଣା, ୨୯ ।୩(ସମିସ):** କଳାହାଣ୍ଡି ଓକିଲ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ ହୋଇଛନ୍ତି । ସୁଧାଂଶୁ ନନ୍ଦ ଦ୍ୱିତୀୟ ଥର ପାଇଁ ସଭାପତି ନିର୍ବାଚିତ ହୋଇଛନ୍ତି । ସମ୍ପାଦକ ଭାବେ ଅଶୋକ ପଟ୍ଟନାୟକ, ଉପସଭାପତି ଭାବେ ଗଣେଶ୍ୱର ପଟ୍ଟନାୟକ, ସହକାରୀ ସମ୍ପାଦକ ଭାବେ ସାରଣୀ ବେମାଲ, କୋଷାଧ୍ୟକ୍ଷ ଭାବେ ମହେଶ ମହାପାତ୍ର ପ୍ରମୁଖ ନିର୍ବାଚିତ ହୋଇଛନ୍ତି । ସେହିପରି ଏକଜ୍ୟୁକ୍ୟୁଟିଭ୍ ବଡି ମେମ୍ବର (ସିନିୟର) ଭାବେ ଜୟନ୍ତ ମୁଣ୍ଡ, ପ୍ରଶାନ୍ତ ବାରିକ, ସୌମେନ୍ଦ୍ର ଚାନ୍ଦ ଓ ଲୋକନାଥ ନାଏକ ନିର୍ବାଚିତ ହୋଇଛନ୍ତି । ଜୁନିୟରରେ ଇଲା ସେଲମା, ନୀଲାଞ୍ଚଳ ସ୍ୱାଇଁ ଓ ପ୍ରବୀଣ ବିହାରୀ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଭାବେ ମାନସ ରଞ୍ଜନ ମହାନ୍ତି ଦାୟିତ୍ୱ ତୁଲାଇଛନ୍ତି । ସହକାରୀ ନିର୍ବାଚନ ଅଧିକାରୀ ଭାବେ ପ୍ରତାପ ଚନ୍ଦ୍ର ପ୍ରଧାନ, ମନୋଜ ତାଣ୍ଡି, ପ୍ରଦୀପ ପାତ୍ର ଓ ଈଶ୍ୱର ଦାୟିତ୍ୱ ତୁଲାଇଥିଲେ ।



**ଧର୍ମଗଡ଼:** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଓକିଲ ସଂଘର ନୂତନ କର୍ମକର୍ତ୍ତା ଶନିବାର ଚୟନ କରାଯାଇଛି । ନିଦ୍ୱର୍ନ୍ଦରେ ସଭାପତି ଭାବେ ଆଇନଜୀବି କୃପାସିନ୍ଧୁ ପଣ୍ଡା ମନୋନୀତ ହୋଇଛନ୍ତି । ଉପସଭାପତି ଭାବେ ଗଙ୍ଗାଧର ମଙ୍ଗରାଜ, ସାଧାରଣ ସମ୍ପାଦକ ଭାବେ ବସନ୍ତ ଠାକୁର, ସହସମ୍ପାଦକ ଭାବେ ବାଳକୃଷ୍ଣ ସାହୁ, କୋଷାଧ୍ୟକ୍ଷ ଭାବେ ଧନିନ୍ଦ୍ର ନାଏକ ନିର୍ବାଚିତ ହୋଇଛନ୍ତି । ମନୋଜ ମୁଣ୍ଡ ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ ।



**ମ.ରାମପୁର:** କଳାହାଣ୍ଡି ଜିଲ୍ଲା ମ.ରାମପୁର ଓକିଲ ସଂଘ ନିର୍ବାଚନ ଶେଷ ହୋଇଛି । ସଭାପତି ଭାବେ ଜୟ ସିଂହଦେଓ ନିର୍ବାଚିତ ହୋଇଥିବା ବେଳେ ସମ୍ପାଦକ ଭାବେ ସପନ ପଟ୍ଟନାୟକ ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ଯତୀନ ସାହୁ, ସହ ସମ୍ପାଦକ ଭାବେ ଦୁର୍ଗାପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ଠାକୁର ସାହୁ, କୋଷାଧ୍ୟକ୍ଷ ଭାବେ ଆଶିଷ ମିଶ୍ର ନିର୍ବାଚିତ ହୋଇଛନ୍ତି । ଜୟ କୁମାର ସିଂହଦେଓ ୩୮ ଖଣ୍ଡ ଭୋଟ ପାଇଥିବା ବେଳେ ବିଜୟ ମହାଖୁଡ ୨୩ଖଣ୍ଡ ଭୋଟ ପାଇଥିଲେ । ଗୋଟିଏ ଭୋଟ ନାକଚ ହୋଇଥିଲା । ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ପ୍ରଶାନ୍ତ ପଣ୍ଡା ନିର୍ବାଚନ ପରିଚାଳନା କରିଥିଲେ ।



**କେସିଙ୍ଗା:** କେସିଙ୍ଗା ଓକିଲ ସଂଘ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଭୋଇ, ସମ୍ପାଦକ ଭାବେ ଯୁବ ଆଇନଜୀବୀ ଯୁଗଳ କିଶୋର ଦୀପ, ଉପସଭାପତି ଭାବେ ଗୋଲକ ବିହାରୀ ପ୍ରଧାନ, ସହ ସମ୍ପାଦକ ଭାବେ ସଞ୍ଜୀବ ସ୍ୱାଇଁ, କୋଷାଧ୍ୟକ୍ଷ ଭାବେ ସୁକାନ୍ତ ପ୍ରଧାନ ନିର୍ବାଚିତ ହୋଇଛନ୍ତି । ଏକଜିକ୍ୟୁଟିଭ ମେମ୍ବର ଭାବରେ ବୈକୁଣ୍ଠ ମହଲା, ହରିପ୍ରସାଦ ତାଣ୍ଡି, ଲକ୍ଷ୍ମୀକାନ୍ତ ମହଲା, ଶମ୍ଭୁ ପ୍ରସାଦ ପଣ୍ଡା ଓ ଉଦିତ ପ୍ରଧାନ ନିର୍ବାଚିତ ହୋଇଛନ୍ତି । ଆଇନଜୀବୀ କାମପାଳ ସାହା ନିର୍ବାଚନ ଅଧିକାରୀ ଥିଲେ ।



**କୋକସରା:** କଳାହାଣ୍ଡି ଜିଲ୍ଲା କୋକସରା ଓକିଲ ସଂଘର କର୍ମକର୍ତ୍ତା ଚୟନ ହୋଇଛି । ଏଥିରେ ନିଦ୍ୱର୍ନ୍ଦରେ ମନୋଜ ନାଏକ ସଭାପତି ହୋଇଛନ୍ତି । ଉପସଭାପତି ଭାବେ ଲକ୍ଷ୍ମୀକାନ୍ତ ଖମାରୀ, ସମ୍ପାଦକ ଭାବେ ଲଳିତ ଦାସ, ସହସମ୍ପାଦକ ଜଗା ପଟ୍ଟନାୟକ ଓ କୋଷାଧ୍ୟକ୍ଷ ଭାବେ ପ୍ରିୟ ରଞ୍ଜନ ବେହେରା ମନୋନୀତ ହୋଇଛନ୍ତି । ଆଇନଜୀବୀ ଲକ୍ଷ୍ମୀଧର ମେହେର ନିର୍ବାଚନ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇଥିଲେ ।



**ଜୟପାଟଣା:** ଜୟପାଟଣା ଓକିଲ ସଂଘର ସଭାପତି ଭାବେ ସଞ୍ଜୀବ ପଣ୍ଡା ନିର୍ବାଚିତ ହୋଇଛନ୍ତି । ସଞ୍ଜୀବ ଏବଂ ସୌଦାମିନୀ ଦ୍ୱିବେଦୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା । ୨୩ଜଣ ଆଇନଜୀବୀ ଭୋଟ ଦେଇଥିଲେ । ୨୨ଟି ଭୋଟ ସଞ୍ଜୀବଙ୍କ ସପକ୍ଷରେ ଯାଇଥିଲା । ଗୋଟିଏ ଭୋଟ ନାକଚ ହୋଇଥିଲା । ଆଇନଜୀବୀ ନିହାର ରଞ୍ଜନ ବେହେରା ନିଦ୍ୱର୍ନ୍ଦରେ ସମ୍ପାଦକ ଏବଂ ଜୟପ୍ରକାଶ ବିନୟ ଭୂଷଣ ପଣ୍ଡା କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ । ଆଇନଜୀବୀ ଗଙ୍ଗାଧର ପାତ୍ର ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ ।

**ନର୍ଲା:** ନର୍ଲା ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ସଭାପତି ଭାବେ ଗୌର ହରିଜନ, ଉପ ସଭାପତି ଭାବେ ହିମାଦ୍ରୀ ସ୍ୱାଇଁ, ସମ୍ପାଦକ ଭାବେ ବିଶ୍ୱରଞ୍ଜନ ଭୋଇ, ଯୁଗ୍ମ ସମ୍ପାଦକ ଭାବେ ବିଭୂତି ଭୂଷଣ ବହିଦାର, ଲାଇବ୍ରେରୀ ସମ୍ପାଦକ ଭାବେ ପ୍ରଦୀପ୍ତ ମିଶ୍ର ଏବଂ କୋଷାଧ୍ୟକ୍ଷ ଭାବେ ଡ. ସଞ୍ଜୟ ଧଙ୍ଗଡ଼ାମାଝୀ ନିଦ୍ୱର୍ନ୍ଦରେ ମନୋନୀତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଯୁବରାଜ ହରିଜନ ଏହା ପ୍ରକାଶ କରିଛନ୍ତି ।



## ଆନ୍ତଃରାଜ୍ୟ ବାଇକ୍ ଚୋରି ରାକେଟ୍ ଠାବ

# ୩ ଅଭିଯୁକ୍ତ ଗିରଫ, ୧୭ ବାଇକ୍ ଜବତ





**ନୂଆପଡ଼ା,୨୯ ।୩(ସମିସ):** ନୂଆପଡ଼ା ଜିଲ୍ଲା ପୁଲିସ ଏକ ଆନ୍ତଃରାଜ୍ୟ ବାଇକ୍ ଚୋରି ରାକେଟ୍ ଠାବ କରି ୧୭ଟି ଜବତ କରିଥିବା ବେଳେ ୩ ଜଣ ଆନ୍ତଃରାଜ୍ୟ ଚୋରଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ସିନାପାଲି ଥାନା ହଲଦୀମୁଣ୍ଡା ଗାଁର ବନମାଳି କୋଲଥିଆ(୩୮) ଓ ପର୍ଶୁରାମ ମାଝି ଓରଫ ପରଶୁ(୩୨), ତାଲାକୋଟ ଗାଁର ବାସୁଦେବ ମାଝି ଓରଫ ବାସୁ(୨୪) । ଏମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନୂଆପଡ଼ା ଥାନାରେ ଆହୁତ ଏକ ସାମ୍ବାଦିକ ସମ୍ମିଳନୀରେ ଏସପି ଜି.ଆର. ରାଘବେନ୍ଦ୍ର ସୂଚନା ଦେଇଛନ୍ତି । ଗତ ମାର୍ଚ୍ଚ ୨୪ରେ ନୂଆପଡ଼ା ଥାନା ହଲଦୀ ଗାଁର ଗୋବିନ୍ଦ ପାଣ୍ଡେଙ୍କ ସ୍ତ୍ରୀ ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ୨୫ ତାରିଖ ସକାଳୁ ଗୋବିନ୍ଦଙ୍କ ବାଇକ(ସିଜି ୦୬ ଜିଏଲ ୫୧୩୦) ମୁଖ୍ୟ ଡାକ୍ତରଖାନାରୁ ଚୋରି ହୋଇଥିଲା । ଏନେଇ ଗୋବିନ୍ଦ ନୂଆପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହି ଅଭିଯୋଗକୁ ଭିତ୍ତିକରି ପୁଲିସ ତଦନ୍ତ ଆରମ୍ଭ କରିଥିଲା । ଗତ ୨୬ତାରିଖ ସନ୍ଧ୍ୟାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜଣେ ବ୍ୟକ୍ତିଙ୍କ ବାଇକ ଚୋରି କରୁଥିବା ବେଳେ ମୁଖ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ ପରଶୁଙ୍କୁ କାବୁକରି ପୁଲିସ ଜିମା ଦେଇଥିଲେ । ତେବେ ପରଶୁଙ୍କୁ ପୁଲିସ ଅଟକ ରଖି ଅଧିକ ପଚରାଉଚରା କରିଥିଲା । ହଲଦୀମୁଣ୍ଡା ଗାଁର ମୁଖ୍ୟ ଅଭିଯୁକ୍ତ ବନମାଳିଙ୍କ ନେତୃତ୍ୱରେ ସୀମାନ୍ତ ଛତିଶଗଡ଼ ସମେତ ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ବାଇକ ଚୋରି କରୁଥିବା ପୁଲିସକୁ ସୂଚନା ମିଳିଥିଲା । ନୂଆପଡ଼ା ଏସପି ରାଘବେନ୍ଦ୍ରଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଥାନାଧିକାରୀ ଗଙ୍ଗାଧର ମେହେରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଛାନଭିନ୍ ଆରମ୍ଭ କରିଥିଲା । ଗତକାଲି ସିନାପାଲିରେ ସ୍ୱତନ୍ତ୍ର ପୁଲିସ ଟିମ୍ ଚଢ଼ଉ କରି ବାଇକ ଚୋରି ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତ ବନମାଳି ଓ ବାସୁଦେବଙ୍କୁ ଗିରଫ କରିଥିଲା । ସେମାନଙ୍କ ଠାରୁ ପୁଲିସ ୧୭ଟି ବାଇକ୍ ଜବତ କରିଥିଲା । ସନ୍ଧ୍ୟାରେ ହଲଦୀ ଗାଁର ଗୋବିନ୍ଦଙ୍କୁ ଚୋରି ବାଇକ୍ ମାତ୍ର ୩ଦିନରେ ଫେରାଇଥିବାରୁ ଖୁସି ବ୍ୟକ୍ତ କରିବା ସହ ପୁଲିସକୁ ଧନ୍ୟବାଦ ଦେଇଛନ୍ତି । ଏମାନେ ଓଡ଼ିଶାରୁ ବାଇକ୍ ରୋରି କରି ଛତିଶଗଡ଼ରେ ବିକ୍ରି କରୁଥିଲେ । ପୁଣି ଛତିଶଗଡ଼ରେ ବାଇକ୍ ଚୋରି କରି ଓଡ଼ିଶାରେ ଆଣି ବିକ୍ରି କରୁଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟ ଡାକ୍ତରଖାନାର ଲୋକେ ରୋଗୀ ନେଇ ଆସୁଥିଲେ । ଲୋକେ ଜରୁରୀ ସମୟରେ ବାଇକକୁ ବିନା ହ୍ୟାଣ୍ଡେଲ ଲକ୍ କରି ଚାବି ନେଇ ଚାଲିଯାଉଥିଲେ । ଏହାର ସୁଯୋଗ ନେଇ ଚୋରମାନେ ତାର ଓ ଟ୍ରାଞ୍ଜିଷ୍ଟର ସଂଯୋଗ କରି ବାଇକକୁ ଷ୍ଟାର୍ଟକରି ନେଇଯାଉଥିଲେ । ଜନଗହଳି ସ୍ଥାନରେ ଯେଉଁ ବାଇକରେ ହ୍ୟାଣ୍ଡେଲ ଲକ୍ ହେଉ ନଥିଲା, ତାକୁ ଆରାମରେ ଚୋରି କରୁଥିଲେ । ଏହି ଆନ୍ତଃରାଜ୍ୟ ବାଇକ ଚୋରି ଗ୍ୟାଙ୍ଗ ଛତିଶଗଡ଼ ରାଜ୍ୟର ସୀମାନ୍ତ ସମେତ ନୂଆପଡ଼ା, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ସକ୍ରିୟ ଥିଲେ । ଏବେ ଜବତ ୧୭ଟି ବାଇକର ମାଲିକଙ୍କ ନାଁ ଚିହ୍ନଟ କରି ଆଖପାଖ ଥାନାକୁ ସୂଚନା ଦିଆଯାଇଛି । ପରବର୍ତ୍ତି ସମୟରେ ଚୋରି ବାଇକକୁ ସମ୍ପୃକ୍ତ ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ଏସପି ସୂଚନା ଦେଇଛନ୍ତି ।

## ଖଣ୍ଡୁଆଳ ମାଳି ପର୍ବ ଉଦ୍‌ଯାପିତ

# ମା' ମାଟିର ସୁରକ୍ଷା ପାଇଁ ବଜ୍ର ଶପଥ



**ଥୁଆମୂଳ ରାମପୁର, ୨୯ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର ବ୍ଲକ ସୀମାରେ ଥିବା ଖଣ୍ଡୁଆଳ ମାଳି ଶିଖରରେ ଦୁଇ ଦିନିଆ ଖଣ୍ଡୁଆଳ ମାଳି ପର୍ବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଜଳ, ଜମି ଏବଂ ଜଙ୍ଗଲର ସୁରକ୍ଷା ହିଁ ଏହି ପର୍ବ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ଖଣ୍ଡୁଆଳ ମାଳିର ଆରାଧ ଦେବତା ଖଣ୍ଡୁଆଳ ବୁଢାରଜାଙ୍କୁ ସାକ୍ଷୀ ରଖି ନିଜ ଜୀବନ ଜୀବିକାର ମୁଖ୍ୟ ଉତ୍ସ ସେଇ ଖଣ୍ଡୁଆଳ ମାଳିକୁ ସୁରକ୍ଷିତ ରଖିବାକୁ ସମସ୍ତେ ବଜ୍ର ଶପଥ ନେଇଛନ୍ତି । ଖଣ୍ଡୁଆଳ ବୁଢାରଜାଙ୍କ ପାଖରେ ପୂଜାର୍ଚ୍ଚନା ସହ ଖଣ୍ଡୁଆଳ ମାଳି ଉପରେ ଲୋଲୁପ ଦୃଷ୍ଟି ରଖିଥିବା କମ୍ପାନୀକୁ ଚରମ ଚେତାବନୀ ଦେଇଛନ୍ତି । ଖଣ୍ଡୁଆଳ ମାଳିର ସୁରକ୍ଷା ପାଇଁ ଦୃଢ଼ ନିଷ୍ପତ୍ତି ନେଇଛନ୍ତି । ସରକାର ଓ ବହୁରାଷ୍ଟ୍ରୀୟ କମ୍ପାନୀ ଯେତେ ମନଲୋଭା ଭାବର ଚାଲାକ୍ କଲେ ବି ଖଣ୍ଡୁଆଳ ମାଳି ଛାଡ଼ିବେନି ବୋଲି ସେମାନେ କହିଛନ୍ତି । ଖଣ୍ଡୁଆଳ ମାଳି ପାହାଡ଼ରେ ଖଣିଜପଦାର୍ଥ ଭରପୁର ରହିଥିବା ଯୋଗୁଁ ସରକାର ଓ ବହୁରାଷ୍ଟ୍ରୀୟ କମ୍ପାନୀର ଦୃଷ୍ଟି ରଖି ଖଣି ଖନନ କରିବା ପାଇଁ ସମସ୍ତଙ୍କ ନଜର ଏଠାରେ ରହିଛି । ତେବେ ଉଭୟ ସରକାର ଶିଳ୍ପ ପ୍ରତିଷ୍ଠା ଓ ଖଣି ଖନନ ପାଇଁ ସବୁ ପ୍ରକାର କୋହଳ ନୀତି ଜାରି କରିଥିବା ବେଳେ ଖଣ୍ଡୁଆଳ ମାଳିର ଖଣି ଖନନକୁ ତୀବ୍ର ବିରୋଧ ଜାରି ରହିବ ବୋଲି ଆଦିବାସୀ ଶପଥ ନେଇଛନ୍ତି । ଏହି ପର୍ବରେ ଆଦିବାସୀ ସମ୍ପ୍ରଦାୟ ବ୍ୟତୀତ ଜିଲ୍ଲା ତଥା ଜିଲ୍ଲା ବାହାରୁ ଶହଶହ ସଧାରଣ ଲୋକେ ଖଣ୍ଡୁଆଳ ମାଳି ପର୍ବତ ଶିଖରର ଅନୁଷ୍ଠିତ ଉତ୍ସବରେ ସାମିଲ ହୋଇଥିଲେ । ଖଣ୍ଡୁଆଳ ମାଳି ସ୍ଥାୟୀ ସୁରକ୍ଷା ସମିତି ଆହ୍ୱାନରେ ଆୟୋଜିତ ଏହି ପର୍ବରେ ଉପସ୍ଥିତ ରହି ସହଯୋଗ ଓ ସମର୍ଥନ କରି ଆସୁଥିବା ବୁଦ୍ଧିଜୀବୀ, ପରିବେଶବିତ, ଦେଶପ୍ରେମୀ ତଥା ବିଭିନ୍ନ ଗଣ ସଂଗଠନକୁ ଖଣ୍ଡୁଆଳ ମାଳି ସ୍ଥାୟୀ ସୁରକ୍ଷା ସମିତି ସଂଗ୍ରାମୀ ଅଭିନନ୍ଦନ ଜଣାଇଥିଲେ । ଏଥିରେ ଲାଞ୍ଜିଗଡ଼ ଏବଂ ଥୁଆମୂଳ ରାମପୁର ବ୍ଲକର ଆଖପାଖ ଅଞ୍ଚଳର ୭ ଖଣ୍ଡ ପଞ୍ଚାୟତର ୪୫ ଗୋଟି ଗାଁର ଲୋକ ଉପସ୍ଥିତ ଥିଲେ । ଖଣ୍ଡୁଆଳ ମାଳି ସ୍ଥାୟୀ ସୁରକ୍ଷା ସମିତି ସଭାପତି କାର୍ତ୍ତିକ ମାଝୀ, ସମ୍ପାଦକ ବ୍ରିଟିଶ ସଦସ୍ୟ ବୈଦ୍ୟନାଥ ନାଏକ, ଦାମୋଦର ବେହେରା, ବିର ବଜରଙ୍ଗ ନାଏକ, ଗାର୍ଗୀ ଶତପଥୀ, ଧନେଶ୍ୱର ମାଝୀ, ଲେଲିନ ରାୟ, କୃଷ୍ଣ ହିକକା, ଲୋକନାଥ ମାଝୀ, ପୂର୍ଣ୍ଣ ମାଝୀ, ହୃଷିକେଶ ମାଝୀ, ମାନ ମାଝୀ ପ୍ରମୁଖ ସାମିଲ ହୋଇଥିଲେ ।

# କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ




**କୋମନା,୨୯।୩(ସମିସ):** ନୂଆପଡ଼ା ଜିଲ୍ଲା କୋମନା ସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ୧୮ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷାଧିକାରିଣୀ ଅନିତା ପଣ୍ଡା,ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ମୁଖ୍ୟବକ୍ତା ଭାବେ କୋମନା ସରପଞ୍ଚ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପରିଚାଳନା କମିଟି ସଭାପତି ସବିତା ବିଶି ପ୍ରମୁଖ ମଞ୍ଚାସୀନ ଥିଲେ । ଏହା ପରେ କୃତୀ ଛାତ୍ରୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ୧୦ ଜଣିଆ ଚୋର ଗ୍ୟାଙ୍ଗ୍ ଗିରଫ

**ଜୟପାଟଣା, ୨୯ ।୩(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ପୁଲିସ ୧୦ ଜଣିଆ ଅନ୍ତରାଜ୍ୟ ଚୋର ଗ୍ୟାଙ୍ଗକୁ ଗିରଫ କରିଛି । ଏମାନେ ହେଲେ ନୂଆପଡ଼ା ମହାସମୁଣ୍ଡ ଗାଁର କୈଳାସ ଦେବର (୨୯), ରମୁ ଦେବର (୨୨), ପିତାମ ଦେବର (୨୦), ଅମୀର ଦେବର (୨୭), ଅକ୍ଷୟ କୂଳହରିଆ, ମୁକେଶ ଦେଓର, ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅଞ୍ଚଳର ବନରାଶୀ ବେହେରା (୨୫), ଗୁଡୁ ଝାର (୪୦), ମହାସମୁଣ୍ଡ ଥାନା ବାଗବହାରା ଗାଁର ମକରନ୍ଦ ଦେବର (୧୯) ଓ ସାମଗ୍ରୀ କ୍ରୟ କରୁଥିବା ବଙ୍ଗୋମୁଣ୍ଡା ଥାନା ଅଞ୍ଚଳର ବୈଦ୍ୟନାଥ ମେହେର । ସେମାନଙ୍କଠାରୁ ଏକ ପିକ୍‌ଅପ୍ ଭ୍ୟାନ, ନଗଦ ୪ ଲକ୍ଷ ୭୨ ହଜାର ଟଙ୍କା, ଓଜନ ମେସିନ ଓ ଲୁହା କଟର ଜବତ କରାଯାଇଛି । କଳାହାଣ୍ଡି ଜିଲ୍ଲା ସମେତ ପଡୋଶୀ ବଲାଙ୍ଗୀର, ନୂଆପଡ଼ା ଜିଲ୍ଲାରେ ଏମାନେ ଚୋରି କରୁଥିଲେ । ଏହି ୩ଟି ଜିଲ୍ଲାର ୧୧ଟି ଥାନାରେ ଏମାନଙ୍କ ନାଁରେ ମାମଲା ରୁଜୁ ହୋଇଛି । ଗତ ୧୧ ତାରିଖ ବିଳମ୍ବିତ ରାତିରେ ଜୟପାଟଣା ଥାନା ବାନେର ଦେଶୀମଦ ଭାଟିରେ ଚୋରି ହୋଇଥିବା ଜୟପାଟଣା ଥାନାରେ ଅଭିଯୋଗ ହୋଇଥିଲା । ଏଥିରେ ପ୍ରାୟ ୯ ଜଣ ଦୁର୍ବୃତ୍ତ ଆସି କଟର ସାହାଯ୍ୟରେ ଭାଟିର ସାମଗ୍ରୀ ଚୋରି କରି ନେଇଥିବା ସିସିଟିଭି ମାଧ୍ୟମରେ ଜଣାପଡ଼ିଥିଲା । ସିସିଟିଭି ଫୁଟେଜକୁ ଆଧାର କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା । ଚୋରି ଜିନିଷକୁ ଏମାନେ ଦଲାଲକୁ ବିକ୍ରି କରୁଥିଲେ । ସମ୍ପୃକ୍ତ ଦଲାଲ ଚୋରି ସାମଗ୍ରୀକୁ ସୀମାନ୍ତ ରାଜ୍ୟ ଛତିଶଗଡ଼ରେ ବିକ୍ରି କରୁଥିଲା । ଏମାନେ ଦିନ ବେଳେ ପ୍ଲାଷ୍ଟିକ, କାଚ ସଂଗହ ଆଳରେ ବିଭିନ୍ନ ସ୍ଥାନକୁ ଯିବା ଆସିବା କରୁଥିଲେ । ଏହାପରେ ରାତିରେ ଚୋରି କରୁଥିଲେ ।

# ଭିଜିଲାନ୍ସ ସର୍କିଟ କୋର୍ଟରେ ଏଏସ୍‌ଆଇ ନିର୍ଦ୍ଦୋଷରେ ଖଲାସ

ନୂଆପଡ଼ା, ୨୯।୩(ସମିସ): ନୂଆପଡ଼ା ଭିଜିଲାନ୍ସ ସର୍କିଟ କୋର୍ଟରେ ଭିଜିଲାନ୍ସ ବିଚାରପତି ବଦ୍ରୀ ନାରାୟଣ ନନ୍ଦ ପ୍ରମାଣ ଅଭାବରୁ ପ୍ରଭାତ କୁମାର ପଣ୍ଡା ନାମକ ଜନୈକ ପୁଲିସ ଏଏସ୍‌ଆଇଙ୍କୁ ଉପଯୁକ୍ତ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛି । ସୂଚନାଯୋଗ୍ୟ ଯେ, ବୋଡେନ ଥାନା ଅଧୀନସ୍ଥ ଖଇରମାଲ ଗ୍ରାମର ଜଗଦୀଶ ଅଦା ନାମକ ଜନୈକ ବ୍ୟକ୍ତିଙ୍କ ମାମଲାରେ ଏଏସଆଇ ପଣ୍ଡା ଅନୁସନ୍ଧାନ କରୁଥିବା ସମୟରେ ୪୦୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ କୋରାପୁଟ ଭିଜିଲାନ୍ସ ତରଫରୁ ଏକ ଟିମ୍ ଚଢ଼ଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ଏହାକୁ ନେଇ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିଲା । ସେହି ମାମଲାରେ ଭିଜିଲାନ୍ସ ବିଚାରପତି ୧୧ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତିକରି ତାଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ନଥିବାରୁ ଶ୍ରୀ ପଣ୍ଡାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଏଏସଆଇ ଶ୍ରୀ ପଣ୍ଡାଙ୍କ ତରଫରୁ ଆଇନଜୀବୀ ଦିଲ୍ଲୀପ କୁମାର ସା ମାମଲା ପରିଚାଳନା କରୁଥିଲେ ।

# ସ୍ମରଣିକା 'ଉଦନ୍ତିକା' ଉନ୍ମୋଚିତ

ସିନାପାଲି,୨୯।୩ (ସମିସ) ନୂଆପଡ଼ା ଜିଲ୍ଲା ସିନାପାଲି ଉଦନ୍ତୀ ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟାରେ ମହୋତ୍ସବ କମିଟିର ସଭାପତି ବୈଷ୍ଣବ ମେହେର ଅଧ୍ୟକ୍ଷତା କରିଥିଲା ବେଳେ ମୁଖ୍ୟ ଅତିଥି ଭାବରେ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ଓ ସମ୍ମାନିତ ଅତିଥି ସିନାପାଲି ବ୍ଲକ ଉପାଧ୍ୟକ୍ଷା ମୀନା ଘିଭେଲା, ବିଡିଓ କାର୍ମୀ ଓରାମ ଯୋଗ ଦେଇଥିଲେ । କମିଟିର ସଦସ୍ୟ ଲଳିତ କୁମାର ସୁନାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସମାରୋହରେ ମଞ୍ଚ କଳାକାର ଦିଲ୍ଲୀପ କୁମାର କର ଓ ବିଭୁତି ଭୂଷଣ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ମହୋତ୍ସବର ସ୍ମରଣିକା 'ଉଦନ୍ତିକା'କୁ ଅତିଥିମାନେ ଉନ୍ମୋଚନ କରିଥିବା ବେଳେ ଏହାକୁ କନକ ବର୍ଦ୍ଧନ ସାହୁ ପରିଚାଳନା କରିଥିଲେ । ସେହିପରି ଲୋଚନ ମେହେର ପୁରସ୍କାର ବିତରଣ ଓ ଅତୁଳ କୁମାର ପାତ୍ର ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବୁଦ୍ଧଦେବ ମେହେର ଓ ରଶ୍ମିରଞ୍ଜନ ସା ମାନପତ୍ର ପଠନ କରିଥଲେ । ସଭା ପ୍ରାରମ୍ଭରେ ସଙ୍ଗୀତଜ୍ଞ ତ୍ରିନାଥ ମେହେରଙ୍କ ସ୍ୱର ସଂଯୋଜନାରେ ସ୍ୱର ସଂଗମ କଳା ପରିଷଦର କଳାକାରଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା । ସତ୍ୟସାଇ ସେବା ସମିତି ପକ୍ଷରୁ ବେଦପାଠ ଅନୁଷ୍ଠିତ ହୋଇଥିଲା । ଶେଷରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା ସୁନାମଧନ୍ୟ ସାଂସ୍କୃତିକ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଦିନବେଳା କବିତା ଆସରରେ ୭୦ କବି କବୟିତ୍ରୀ କବିତା ପାଠ କରିଥିଲେ ।

# ଶିକ୍ଷକ ଆସୁ ନାହାନ୍ତି; ସ୍କୁଲ ସମ୍ଭାଳିଲେ ସିଆରସିସି

କଲମପୁର, ୨୯ ।୩(ସମିସ): କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନ ମିନଗୁର ସରକାରୀ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ୨ ଦିନ ହେଲା ଶିକ୍ଷାଦାନ ପ୍ରଭାବିତ ହୋଇଛି । ପ୍ରଧାନ ଶିକ୍ଷକ ଯୋଗିନ୍ଦ୍ର ଭୋଇ ଶୁକ୍ରବାରଠୁ କାହାକୁ କିଛି ନଜଣାଇ ଅନୁପସ୍ଥିତ ଅଛନ୍ତି । ଅନ୍ୟତମ ଏକମାତ୍ର ସହକାରୀ ଶିକ୍ଷକ ନୁରଜାହା ପ୍ରଧାନ ଛୁଟିରେ ଅଛନ୍ତି । ଶନିବାର ସକାଳ ୮ଟା ସୁଦ୍ଧା ପ୍ରଧାନ ଶିକ୍ଷକ ସ୍କୁଲ ଆସି ନ ଥିଲେ । ଏନେଇ ଅଭିଯୋଗ ହେବା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ତାଲା ଭାଙ୍ଗି ସ୍କୁଲ ଖୋଲିବାକୁ ସିଆରସିସି ଉଦୟ ମାଝିଙ୍କୁ ପଠାଇଲେ । ଶ୍ରୀ ମାଝି ତାଲା ଭାଙ୍ଗି ସ୍କୁଲ ଖୋଲି ପାଠ ପଢ଼ାଇଥିଲେ । ଏ ନେଇ କଲମପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଣୀ ସୁଶ୍ରୀ ମଧୁସ୍ମିତା ନାଏକଙ୍କୁ ପଚାରିବାରୁ ପ୍ରଧାନ ଶିକ୍ଷକ ଶ୍ରୀ ଭୋଇଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ହୋଇଛି । ତାଙ୍କୁ ଏ ଘଟଣାକୁ ନେଇ କୈଫିୟତ ତଲବ କରାଯିବ । ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ । ଯାହା ନିର୍ଦ୍ଦେଶ ଆସିବ ସେ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ସାମ୍ବାଦିକଙ୍କ ମାତୃ ବିୟୋଗ



**କଲମପୁର, ୨୯ ।୩(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକ ସାମ୍ବାଦିକ ରବୀନ୍ଦ୍ର ମିଶ୍ରଙ୍କ ମା' ସ୍ନେହଲତା ମିଶ୍ରଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା । ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।

# ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

କର୍ଲାମୁଣ୍ଡା, ୨୯ ।୩ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ମନୋଜ ମିଶ୍ର, ଶିକ୍ଷକ ସଞ୍ଜୟ ସେନାପତି, ରିଟନ ନାଗ, ପ୍ରସନ୍ନ ବାଗ, ସୁଶୀଲ ରଣା, ଶିକ୍ଷୟତ୍ରୀ ତୁଳାମତି ସାହୁ, ବୈଜୟନ୍ତୀ ପୋଡ଼ ପ୍ରମୁଖ ସଭାରେ ଉପସ୍ଥିତ ଥିଲେ ।

**ବଢ଼ି ଚାଲିଛି ତାପମାତ୍ରା**

# ତାତି ହ୍ରାସରେ ସହାୟକ ହେବ ଖଇରମାଳ ପ୍ରକଳ୍ପ

**ସୋନପୁର, ୨୯।୩(ସମିସ):**

ମାର୍ଚ୍ଚ ଶେଷ ସପ୍ତାହରୁ ସୋନପୁରରେ ଅସହ୍ୟ ଗରମ ଅନୁଭୂତ ହେଲାଣି।ଦିନର ତାପମାତ୍ରା ୪୧ ଡିଗ୍ରୀ ଡେଇଁ ଯାଉଛି। ଏବେଠୁ ଏଭଳି ସ୍ଥିତି ଉପୁଜି ଥିବାରୁ ଆଗକୁ ଲୋକେ କିଭଳି ଅସୁବିଧାର ସମ୍ମୁଖୀନ ହେବେ ତାହା ଜଳଜଳ ହୋଇ ଦିଶୁଛି।ଜଳବାୟୁର ପରିବର୍ତ୍ତନ ଏବେ ଜୀବ ଜଗତ ପାଇଁ ଚିନ୍ତାର କାରଣ ସାଜିଛି। ସୋନପୁରରେ ଦୁଇ ଦିନ ଧରି ଧୂଆଁ ଯୋଗୁଁ କୁହୁଡି ଭଳି ଦେଖା ଗଲା। ଧୂଆଁରେ ଲୋକଙ୍କ ଆଖି ପୋଡିଲା। କିଛି ଦିନ ହେବ ତାମପାତ୍ରା ଏଭଳି ଭାବେ ବଢ଼ି ଚାଲିଛି ଯେ, ଆଗକୁ କଣ ପରିସ୍ଥିତି ଉପୁଜିବ ସେ ନେଇ ପରିବେଶବିତ୍ ଚିନ୍ତା ପ୍ରକଟ କଲେଣି। ସୋନପୁର ସହରର ତାପମାତ୍ରା ଚିନ୍ତାର କାରଣ ସାଜିଲାଣି।ଶନିବାର ସୋନପୁରର ତାପମାତ୍ରା ୪୦.୫ ଡିଗ୍ରୀ ରହିଥିଲା।ସୋନପୁରରେ ତାପମାତ୍ରା ବୃଦ୍ଧିର ମୁଖ୍ୟକାରଣ ଶୁଷ୍କ ମହାନଦୀ।ସୁବର୍ଣ୍ଣପୁର ଜିଲ୍ଲା ବାସୀଙ୍କ ଜୀବନ ରେଖା ମହାନଦୀର ପାଣି ଶୁଖି ଚାରିଆଡେ ବାଲିର ବିସ୍ତିର୍ଣ୍ଣ ଟାପୁ ଦେଖାଯାଉଛି। ମହାନଦୀର ଯେଉଁ ଆଡେ ଆଖି ପକାଇଲେ କେବଳ ବାଲି ଦେଖାଯାଉଛି। କାଳକ୍ରମେ ବାଲିରେ ପୋତି ହୋଇ ଯାଉଛି ନଦୀ ଶଯ୍ୟା। ଓଡ଼ିଶାର ବୃହତ୍ତମ ନଦୀ ମହାନଦୀରେ ପ୍ରତିବର୍ଷ ପାଣି କମିବାକୁ ବସୁଛି।ଏ କିଛି ବର୍ଷ ହେଲା ମହାନଦୀର ଉଭୟ ପାର୍ଶ୍ୱରେ ଖରାଦିନରେ କେବଳ ଦୁଇଟି ଛୋଟ ଧାର ବୋହୁଛି।ମହାନଦୀରେ ଜଳହ୍ରାସ ହୋଇ ମରୁଭୂମି ଭଳି ହେବା ତାପମାତ୍ରା ବୃଦ୍ଧିର ପ୍ରମୁଖ କାରଣ ସାଜିଛି। ଅନ୍ୟପକ୍ଷରେ ଜଳଧାରଣ କ୍ଷମତା ବୃଦ୍ଧି ସହ ସହରକୁ ଶୀତଳ ରଖିବା ପାଇଁ ରାଜା ଖୋଳିଥିବା ବହୁ ପୋଖରୀ ରକ୍ଷଣା ବେକ୍ଷଣ ଅଭାବରୁ ପୋତି ହୋଇ ଗଲାଣି। ସୋନପୁର ସହରର ଚର୍ତୁଦିଗରେ ନଦୀ ଏବଂ ଜଙ୍ଗଲ ଘେରି ରହିଛି। ପୂର୍ବରୁ ମହାନଦୀର ଶୀତଳ ପବନ ଦେହକୁ ଶୀତେଇ ଦେଉଥିଲା। ଦୁଇ ଦଶନ୍ଧି ପୂର୍ବର ସୋନପୁରର ଚିତ୍ର ପୁରା ବଦଳି ଯାଇଛି। ୧୫-୨୦ ବର୍ଷ ପୂର୍ବରୁ ଖରା ଦିନରେ ଲୋକେ ଖଟିଆ ପକାଇ ଦାଣ୍ଡରେ ଶୋଉଥିଲେ।ଅଧା ରାତି ହୋଇଗଲେ ମହାନଦୀରୁ ବୋହୁଥିବା ପବନରେ ଶୀତ ହୋଇ ଯାଉଥିଲା। ତେଣୁ ଲୋକଙ୍କୁ ଘୋଡି ହେବାକୁ ପଡୁଥିଲା। ସହରର ଯେଉଁପଟେ ଦେଖିଲେ ବରଗଛ ଏବଂ ତେନ୍ତୁଳି ଗଛ ଭର୍ତ୍ତି ହୋଇଥିଲା। ମହାନଦୀ ବ୍ରିଜ୍‌ରୁ ତେଲନଦୀ ବ୍ରିଜ୍ ଯାଏଁ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଗଛ ଥିଲା। ସହରର ଶୀତଳିକରଣ ପାଇଁ ସୋନପୁର ମହାରାଜା ସହରରେ ବହୁ ଜଳାଶୟ ଖୋଳିଥିଲେ। ତେବେ ସହରୀକରଣ ନାଁରେ ସେ ସବୁ ଲୋପ ପାଇଗଲା। ପ୍ରକୃତି ଉପରେ ଦମନଲୀଳା ଯୋଗୁଁ ଏବେ ତତଲା ତାୱାରେ ପରିଣତ ହୋଇ ଗଲା। ତାପମାତ୍ରା ହ୍ରାସ ପାଇଁ ବ୍ୟାପକ ଜଙ୍ଗଲ ସୃଷ୍ଟି ସହ ଖଇରମାଳ ପ୍ରକଳ୍ପ ନିର୍ମାଣ ହିଁ ଏକମାତ୍ର ସମାଧାନର ସୂତ୍ର ବୋଲି ପରିବେଶବିତ୍ ମତ ଦେଇଛନ୍ତି।



## ମହୁଲ ପୋଚ ସହ ଦେଶୀ ମଦ ଜବତ



ଶଗଡ଼ା, ୨୯ ।୩(ସମିସ): ବାଉଁଶୁଣି ଥାନା ଜଡ଼ାପାଳ ଗ୍ରାମ ଓ ଜଡ଼ାପାଳ ଜଙ୍ଗଲ ନାଳ ନିକଟରେ ଚଢଉ କରି ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ମହୁଲ ପୋଚ ସହ ଦେଶୀ ମଦ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଥିବା ମାଫିଆ କିନ୍ତୁ ଘଟଣା ସ୍ଥଳରୁ ଫେରାର ମାରିଛନ୍ତି। ମଦ ପ୍ରସ୍ତୁତ ଚାଲିଥିବା ଖବର ପାଇ ପୁଲିସ ଏହି ଚଢ଼ା କରିଥିଲା। ଘଟଣା ସ୍ଥଳରୁ ୧୪ ଶହ କେଜି ମହୁଲ ପୋଚ ଓ ୬୦ ଲିଟର ଦେଶୀ ମଦ ନଷ୍ଟ କରାଯାଇଛି ବୋଲି ବୌଦ୍ଧ ଅବକାରୀ ମୋବାଇଲ ସ୍କ୍ୱାଡ୍ ଅଧିକାରୀ ସତ୍ୟ ନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି।

## ଚାରି ଶମ୍ଭୁ ମିଳନ ପର୍ବ ଓ ଦଣ୍ଡନୃତ୍ୟ

**ବୀରମହାରାଜପୁର, ୨୯ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରିସରରେ ଚାରି ଶମ୍ଭୁଙ୍କ ମିଳନ ପର୍ବ ସହିତ ଦଣ୍ଡ ନୃତ୍ୟ ଅନୁଷ୍ଠିତ ହୋଇଯାଇଛି। ବୀରମହାରାଜପୁର ଡ୍ରାଇଭର ସଂଘ ପକ୍ଷରୁ ଆୟୋଜିତ ମହାମିଳନ ପର୍ବରେ କେଶଲଗା ବଡମାଳର ଦଣ୍ଡ ନୃତ୍ୟ ଦଳ,



ପୁରୁଣାକଟକ ତିଲେଶ୍ୱରର ଦଣ୍ଡ ପାର୍ଟି, ଖଣ୍ଡହତା ମୟୂରକଟାର ଦଣ୍ଡ ନାଚଦଳ ଏବଂ ପିତାମହୁଲ ବୁରୋମାଲର ଦଣ୍ଡ ନୃତ୍ୟ ଦଳ ଅଂଶଗ୍ରହଣ କରିଥିଲେ।ଏହି ଚାରି ଦଳ ବୀରମହାରାଜପୁର ମିନି ଷ୍ଟାଡିୟମରେ ଏକତ୍ରିତ ହୋଇ ସେହିଠାରୁ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ କରିଥିଲେ। ପ୍ରାୟ ୮୦୦ଜଣ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ରୋଷଣୀ, ଛତି ଛତ୍ର, ଆଲଟ ଚାମର ସହିତ ବିଭିନ୍ନ ବେଶ ପୋଷାକ ରେ ସଜ୍ଜିତ ହୋଇ ନୃତ୍ୟ ଗୀତର ତାଳେ ତାଳେ ଶୋଭାଯାତ୍ରା ବାହାରି ଥିଲା।ମୁଖ୍ୟ ଛକ ଦେଇ ଦୋଳ ମଣ୍ଡପ ସ୍ଥାନରେ ପ୍ରବେଶ କରିଥିଲେ। ସେଠାରେ ତାଙ୍କର ପାଦଧୌତ ସେବା କରିଥିଲେ ନୀଳକଣ୍ଠ ପଧାନ।ଏହି ଦଣ୍ଡ ଯାତ୍ରା ରେ ଯେଉଁମାନେ ଭାଗ ନିଅନ୍ତି ସେମାନଙ୍କୁ ଭୋକ୍ତା କୁହାଯାଏ। ଭୋକ୍ତାମାନେ ଶିବ, ପାର୍ବତୀ, କାଳୀ, କଳସ, ବେତ, ଛତ୍ର, ବାନା, ଆଲଟ, ଚାମର, ଘଣ୍ଟ, ଢୋଲ, ମହୁରୀ, ଶଙ୍ଖ, ତୁରୀ ଧରନ୍ତି ଓ ଚାଲନ୍ତି।ମାନସିକ କରିଥିବା ବ୍ୟକ୍ତି ସେମାନଙ୍କୁ ନିମନ୍ତ୍ରଣ କରନ୍ତି। ଷୋହଳ ସୁଆଙ୍ଗ ହେଉଛି ଦଣ୍ଡନାଚର ମୁଖ୍ୟ ଆକର୍ଷଣ। ଯଜମାନଙ୍କ ମନସ୍କାମନା ପୂର୍ଣ୍ଣ ପାଇଁ ପ୍ରାର୍ଥନା କରି ପାଣିଦଣ୍ଡ, ଧୂଳି ଦଣ୍ଡ, ବଜ୍ର ଦଣ୍ଡ, ଅଗ୍ନି ଦଣ୍ଡ, ନୃତ୍ୟ ଦଣ୍ଡ ଆଦି ବରଣ କରନ୍ତି। ପ୍ରଚଣ୍ଡ ଖରାରେ ତତଲା ବାଲି ଉପରେ ଗଡ଼ି ଗଡ଼ି ଭୋକ୍ତାମାନେ ପାଣିଦଣ୍ଡ ନୃତ୍ୟ ପରିବେଷଣ କରନ୍ତି। ଏହିକ୍ରମରେ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଦିନ ୪ଘଣ୍ଟା ସମୟରେ ପ୍ରଥମେ ପାଣିଦଣ୍ଡ ହୋଇଥିଲା ଏବଂ ସଂଧ୍ୟାରେ ପ୍ରଥମେ ନିଆଁ ରଡରେ ଚାଲିବା ପରେ ଦଣ୍ଡ ନୃତ୍ୟ ଅଭିନୀତ ହୋଇଥିଲା।ଏହି ସମସ୍ତ କାର୍ଯ୍ୟରେ ସୁବ୍ରତ ପୁରୋହିତ, ତରଣୀ ମେହେର, ଶମ୍ଭୁ ଦେହେରୀ, ନଟ ମେହେର, ବିମଳ ପଣ୍ଡା, ଭାଗିରଥି ମିଶ୍ର, ଲମ୍ବୋଦର ବେହେରା, ବିଶ୍ୱେଶ୍ୱର ବେହେରା, ପ୍ରକାଶ ମହାପାତ୍ର ଏବଂ ବାଳକ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଇତିହାସ ବିଭାଗରେ ପାଠଚକ୍ର

ସୁବଳୟା, ୨୯ ।୩(ସମିସ):ପ୍ରାଚୀନ ଭାରତରେ ନାଳନ୍ଦା ବିଶ୍ୱବିଦ୍ୟାଳୟ ଶିକ୍ଷାର ପ୍ରାଣକେନ୍ଦ୍ର ଥିଲା। ସେଠାରେ ଦଶହଜାରରୁ ଉର୍ଦ୍ଧ୍ୱ ଛାତ୍ର ଅଧ୍ୟୟନରତ ଥିଲେ।ଦେଶୀୟ ଛାତ୍ରମାନଙ୍କ ବ୍ୟତୀତ ଜାପାନ, ଚୀନ, କାମ୍ବୋଡିଆ, ଫିଲିପାଇନସ୍ ପ୍ରଭୃତି ଦେଶରୁ ଛାତ୍ରମାନେ ଜ୍ଞାନ ଆହରଣ କରିବାକୁ ଆସୁଥିଲେ।ନାଳନ୍ଦା ତତ୍କାଳୀନ ସମୟର ସର୍ବ ବୃହତ୍ ଆବାସିକ ବିଦ୍ୟାଳୟ ଏହା ଅସ୍ୱୀକାର କରାଯାଇ ନପାରେ।ବୀରମହାରାଜପୁର ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ଆୟୋଜିତ'ନାଳନ୍ଦା-ଆନ୍ ଇପିଟମ୍ ଅଫ ଇଣ୍ଡିଆନ୍ ଏଜୁକେସନାଲ ସିଷ୍ଟମ'ଶୀର୍ଷକ ଆଲୋଚନାଚକ୍ରରେ ନିମନ୍ତ୍ରିତ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠିତ ହୋଇଥିବା ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷ ଡ.ହିମାଂଶୁ ଶେଖର ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ଶିକ୍ଷା ବିଭାଗର ଅଧ୍ୟାପକ ଡ.ଶିଶିର ବଣିଆ ମୁଖ୍ୟଅତିଥି ତଥା ବିଷୟ ବିଷାରଦ ଭାବରେ ଯୋଗ ଦେଇଥିଲେ। ଅଧ୍ୟାପକ ସତ୍ୟ ନାରାୟଣ ଦାଶ, ଅଧ୍ୟାପିକା ଡ.ବନ୍ଦିତା ବିଶ୍ୱାଳ ପ୍ରସଙ୍ଗ ଭିତ୍ତିକ ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଯାମିନୀ ଦାଶ, ଅଧ୍ୟାପକ ସ୍ମୃତିରଞ୍ଜନ ଭରାସାଗର, ପ୍ରଭାତ ପୁରୋହିତ ପ୍ରମୁଖ ଆଲୋଚନା କରିଥିଲେ।ଛାତ୍ରୀ ସ୍ମୃତି ଭରାସାଗର, ବାସନ୍ତି ଭୋଇ, ସରିତା ଭୋଇ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନା କରିଥିଲେ।ଏହି ଅବସରରେ ଯୁକ୍ତତିନି ଶେଷବର୍ଷ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ସୋନାଲି ମେହେର, ଲକ୍ଷ୍ମୀ ଦେହୁରୀ ଓ ସଲୋନୀ ପଧାନ ବିଦାୟକାଳିନୀ ବକ୍ତବ୍ୟ ରଖିଥିଲେ।ଛାତ୍ରୀ ଶାଶ୍ୱତୀ ପଣ୍ଡା ସଭା ପରିଚାଳନା, ଓ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ।

## ଗଞ୍ଜେଇ କାରବାରରେ ଜଣେ ଗିରଫ



**ଶଗଡ଼ା, ୨୯ ।୩(ସମିସ):** ଘଣ୍ଟାପଡ଼ା ଥାନା ଆଶ୍ରେଗାଁ ଗ୍ରାମ ନିକଟ ରାସ୍ତାରୁ ପୁଲିସ ୩୫ କେଜି ୭୧୦ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଉତ୍ତରପ୍ରଦେଶର ମହେଶ ସୋନି ଗିରଫ ହୋଇଛି। ପୁଲିସ ତା ପାଖରୁ ଗଞ୍ଜେଇ ସହ ବାଇକ୍ ଜବତ କରିଛି ବୋଲଇ ଘଣ୍ଟାପଡ଼ା ଥାନା ଅଧିକାରୀ ନରସିଂହ ମହାପାତ୍ର ସୂଚନା ଦେଇଛନ୍ତି।

## ପ୍ରବଚକ ଶରତ ମିଶ୍ରଙ୍କ ପରଲୋକ



ତରଭା, ୨୯ ।୩(ସମିସ):ତରଭା ବ୍ଲକ ସରଗଜ ପଞ୍ଚାୟତ ଅନ୍ତର୍ଗତ ନକଟିକନାର ଶରତ କୁମାର ମିଶ୍ର(୯୧)ଙ୍କ ୨୭ତାରିଖ ରାତିରେ ପରଲୋକ ହୋଇଯାଇଛି।ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ।ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସୌଭାଗିନୀ, ପୁଅ, ପୁତ୍ରବଧୂଙ୍କ ସମେତ ନାତିନାତୁଣୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ।ଶରତ ସିଂହାରି ସେବା ସମବାୟ ସମିତିର ସମ୍ପାଦକ ଭାବେ ଦୀର୍ଘ ୩୦ ବର୍ଷ ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିଥିଲେ।ଜଣେ ଆଧ୍ୟାତ୍ମିକ ପ୍ରବଚକ ଭାବେ ବେଶ ସୁନାମ ଅର୍ଜନ କରିଥିଲେ।ଗ୍ରାମ୍ୟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ବଡ଼ପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ।

## ଭ୍ରୁଣ ନିରୂପଣ ନିରୋଧ ଆଇନ ସଚେତନତା



ବୀରମହାରାଜପୁର, ୨୯ ।୩(ସମିସ):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶନିବାର ଭ୍ରୁଣ ନିରୂପଣ ନିରୋଧ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି।ବୀରମହାରାଜପୁର ବ୍ଲକର ୭୦ଜଣ ଆଶା କର୍ମୀ ଏବଂ ଏସଏଚ୍‌ଜି ମହିଳା ସଦସ୍ୟ ଅଂଶଗ୍ରହଣ କରିଥିଲେ।ମୁଖ୍ୟଅତିଥି ଭାବେ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡ.ସ୍ୱପ୍ନେଶ୍ୱର ଓ ସମ୍ମାନିତ ଅତିଥି ଭାବରେ ଡ.ପ୍ରଣବ ମହାପାତ୍ର, ଡ.ସରୋଜ କୁମାର ପାଣିଗ୍ରାହୀ, ଏବଂ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସ୍ୱର୍ଣ୍ଣପ୍ରଭା ଜୁଏଡ୍ ପ୍ରମୁଖ ଯୋଗଦାନ କରି ପିସିପିଏନଡିଟି ଆଇନର କାର୍ଯ୍ୟକାରିତା ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ।ଶାନ୍ତନୁ କୁମାର କର୍ଣ୍ଣ ସଭ୍ୟ ଶିଶୁ ମଙ୍ଗଳ ସମିତି ସୁବର୍ଣ୍ଣପୁର, ଡିସିପିୟୁ ସୁବର୍ଣ୍ଣପୁରର ପିଓଆଇସି ବିଜୟ କୁମାର ବିଶ୍ୱାଳ, ପିଓଏନଆଇସି ଗୌତମ ମହାପାତ୍ର ଓ କାଉନସେଲର ପ୍ରଶାନ୍ତ ମହାକୁର ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ସିଏଚଏଲ ସୁଜିତ କୁମାର ମିଶ୍ର ଉପସ୍ଥିତ ରହି ୧୦୯୮ ଟୋଲ ଫ୍ରୀ ନମ୍ବରର କାର୍ଯ୍ୟକାରିତା ବିଷୟରେ ବୁଝାଇଥିଲେ।ଡିସିପିୟୁ ସୁବର୍ଣ୍ଣପୁରର ପିଓଆଇସି. ବିଜୟ କୁମାର ବିଶ୍ୱାଳ, ପିସିପିଏନଡିଟି ଆଇନର କାର୍ଯ୍ୟକାରିତା ବିଷୟରେ ସଚେତନ କରାଇଥିଲେ। ଶିଶୁ ମଙ୍ଗଳ ସମିତି ସୁବର୍ଣ୍ଣପୁରର ସଭ୍ୟ ଶାନ୍ତନୁ କୁମାର କର୍ଣ୍ଣ ସଦ୍ୟ ଜନ୍ମିତ ଅବାଞ୍ଛିତ ଶିଶୁକୁ ନ ଫୋପାଡି ଆମ ଜିଲ୍ଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର, ଡିସିପିଓ, ସୁବର୍ଣ୍ଣପୁର କିମ୍ବା ଶିଶୁ ମଙ୍ଗଳ ସମିତି, ସୁବର୍ଣ୍ଣପୁରକୁ ଜଣାଇବାକୁ କହିଥିଲେ ଏବଂ ପୃଷ୍ଠପୋଷକତା ସହାୟତା ବିଷୟରେ ଆଲୋଚନା କରିଥିଲେ। ଗୌତମ ମହାପାତ୍ର, ପିଓଏନଆଇସି ଡିସିପିୟୁ ସୁବର୍ଣ୍ଣପୁରର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ପ୍ରଶାନ୍ତ କୁମାର ମହାକୁର କଉନସେଲର ଡିସିପିୟୁ ସୁବର୍ଣ୍ଣପୁର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ




ପଲଶାଗୋରା, ୨୯ ।୩(ସମିସ): ବୌଦ୍ଧ ଜିଲ୍ଲା ପଲଶାଗୋରା ନୋଡାଲ ଉଚ୍ଚ ପ୍ରାଥମିକ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମାନିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୁର୍ଗା ଚରଣ ପ୍ରଧାନ, ସ୍ଥାନୀୟ ସରପଞ୍ଚ ସୁଶ୍ରୀ ସୌଦାମିନୀ ମଲିକ, ଶିତିକଣ୍ଠ ମିଶ୍ର, ପୂର୍ବତନ ସରପଞ୍ଚ ଗିରିଶ ଦଳବେହେରା, ସିଆରସିସି ହୃଦାନନ୍ଦ ଦନ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମିଥୁନ ମହାକୁଡ଼ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ବଳଦେବ ପ୍ରହରାଜ ସଭା ସଂଯୋଜନା କରିଥିବା ବେଳେ ଶିକ୍ଷକ ସୁଶୀଲ ତ୍ରିପାଠୀ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ତ୍ରିପୁରା ପ୍ରଧାନ ଓ ପ୍ରତୀକ୍ଷା ସାହୁଙ୍କ ସଂଯୋଜନାରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଜିତ ଗିରି ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଦିଲ୍ଲୀପ ମହାନ୍ତିଙ୍କ ରଚିତ ଓ ଅଶୋକ ମହାନ୍ତିଙ୍କ ନିର୍ଦ୍ଦେଶିତ କଇଁ ନାଟକ ରେ ଛାତ୍ରଛାତ୍ରୀ ଅଭିନୟ କରିଥିଲେ। ଶିକ୍ଷକ କାମପାଳ ନାଏକ, ବିଭୁତି ପ୍ରଧାନ, ଶତ୍ରୁଘନ ପ୍ରଧାନ, ଶିକ୍ଷୟିତ୍ରୀ ଯଶୋବନ୍ତୀ ପଣ୍ଡା, କୈକେୟୀ ପାଢ଼ୀ, ତପସ୍ୱିନୀ ଜାଲ, ଶ୍ରଦ୍ଧାଞ୍ଜଳି ପାତ୍ର, କସ୍ତୁରବା ଗାନ୍ଧୀ ବିଦ୍ୟାଳୟର ୱାର୍ଡେନ ପୂର୍ଣ୍ଣମାସୀ ଗନ୍ତାୟତ ପ୍ରମୁଖ ସହଯୋଗ କରିଥିଲେ।

## କଣ୍ଟାମାଳ ଓକିଲ ସଂଘର ନୂଆ କର୍ମକର୍ତ୍ତା





ମନମୁଣ୍ଡା, ୨୯ ।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଛି। ଦୂତିଆ ଚରଣ ସାହୁ ସଭାପତି, ଯୋଗେଶ ଚନ୍ଦ୍ର ଗାଇଗରିଆ ଉପ ସଭାପତି, କୈଳାସ ଚନ୍ଦ୍ର ବାରିକ ସମ୍ପାଦକ, ମନୋରଞ୍ଜନ ମହାକୁଡ ଯୁଗ୍ମ ସମ୍ପାଦକ, ପ୍ରଶାନ୍ତ ସାହୁ ସହ ସମ୍ପାଦକ, ନୀଳାମ୍ବର ପ୍ରଧାନ କୋଷାଧ୍ୟକ୍ଷ, ଶେଷଦେବ ବଗର୍ତ୍ତି ଲାଇବ୍ରେରିଆନ ପଦବୀ ପାଇଁ ନିର୍ବାଚିତ ହୋଇଛନ୍ତି। ଉଚ୍ଚସ୍ତରୀୟ କମିଟି ସଦସ୍ୟ ପଦବୀ ପାଇଁ ଅଜିତ ଦାସ, ରାଧାବଲ୍ଲଭ ପ୍ରଧାନ, ନରୋତ୍ତମ ମେହେର, ପ୍ରତାପ ଚନ୍ଦ୍ର ସାହୁ ଏବଂ ସୁରେଶ ଚନ୍ଦ୍ର ରଣାଙ୍କୁ ନିର୍ବାଚନ ଅଧିକାରୀ ଶେଷଦେବ ବଗର୍ତ୍ତି ଘୋଷଣା କରିଥିଲେ।

## ଖାଉଟି ସୁରକ୍ଷା ଓ ସଚେତନତା କର୍ମଶାଳା




ମନମୁଣ୍ଡା, ୨୯ ।୩(ସମିସ): ମନମୁଣ୍ଡା ସୁବର୍ଣ୍ଣମେରୁ କମ୍ୟୁନିଟି ଗୃହରେ 'ସୁରଭି' ବାଉଁଶୁଣି ଆନୁକୂଲ୍ୟରେ ଖାଉଟି ସୁରକ୍ଷା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ଯାଇଯାଇଛି। ସୁରଭି ର ନିର୍ଦ୍ଦେଶକ ତଥା ସମ୍ପାଦକ ଦାମୋଦର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଡିସିଏଲଏମ ରଞ୍ଜନ ପରିଡ଼ା ମୁଖ୍ୟ ଅତିଥି ଏବଂ ବରିଷ୍ଠ ସାମ୍ବାଦିକ ବୈଦ୍ୟନାଥ ହୋତା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଜିନିଷ କ୍ରୟ ବେଳେ ଏମଆରପି ଅନୁଯାୟୀ ଜିନିଷର ଦାମ ନ ଦେଇ ମୂଲଚାଲ କରିବା, ଜିନିଷର ଏକ୍ସପାଇରି ତାରିଖ ତଥା ମାନ ଦେଖି ଆଣିବା, ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଟଙ୍କା ନ ଦେବା, ସୁନା କ୍ରୟ ବେଳେ ଓଜନ ସମୟରେ ପଙ୍ଖା ବନ୍ଦ କରାଯାଇ ଓଜନ ଯନ୍ତ୍ର ତନଖି କାଚ ବାକ୍ସ ଭିତରେ ଓଜନ କରି ଆଣିବା ଏବଂ ହଲମାର୍କ ଦେଖି ଆଣିବା ଇତ୍ୟାଦି ଉପରେ ମୁଖ୍ୟ ଅତିଥି ଶ୍ରୀ ପରିଡ଼ା ଉପସ୍ଥିତ ଜନସାଧାରଣଙ୍କୁ ସଚେତନ କରିଥିଲେ। କେହି କୌଣସି ଦୋକାନୀଠାରୁ ଠକାମୀ ର ଶିକାର ହୋଇଥିଲେ ଥାନାର ଆଶ୍ରୟ ନେବା ସହ କିପରି ଖାଉଟି ସୁରକ୍ଷା ଅଦାଲତର ଦ୍ୱାରସ୍ଥ ହୋଇ ପାରିବେ ଓ ନ୍ୟାୟ ପାଇବେ ସେ ଉପରେ ସମ୍ମାନିତ ଅତିଥି ସାମ୍ବାଦିକ ଶ୍ରୀ ହୋତା ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଉପସ୍ଥିତ ଜନତାଙ୍କ ସହ ଅତିଥିଗଣ ଆଲୋଚନା କରିବା ସହ ସେମାନଙ୍କ ବିଭିନ୍ନ ପ୍ରଶ୍ନ ର ଉତ୍ତର ଦେଇ ସନ୍ଦେହ ମୋଚନ କରିଥିଲେ। କୃଷ୍ଣଚନ୍ଦ୍ର ମେହେର ସହଯୋଗ କରିଥିଲେ।

## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଶଗଡ଼ା, ୨୯ ।୩(ସମିସ): କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ରୁପାଞ୍ଜଳି ସେଠୀ ଜାତୀୟ ମେଧା ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଛନ୍ତି। ତାଙ୍କୁ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାଗୀରଥି କର୍ମୀ, ଶିକ୍ଷକ ରାଜୀବ ଖମାରୀ, ସୁଦାମ କର୍ଣ୍ଣ, ସଂଘମିତ୍ରା କର୍ଣ୍ଣ, ରମେଶ ଖେତି ପ୍ରମୁଖ ସମ୍ବର୍ଦ୍ଧିତ କରିଛନ୍ତି।

**ଲୋ ଭୋଲଟେଜ ସମସ୍ୟାରେ ଅତିଷ୍ଠ ଉପଭୋକ୍ତା**

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ହେଉନି ସମାଧାନ



**ଶଗଡ଼ା, ୨୯ ।୩(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ପଞ୍ଚାୟତ ଘଣ୍ଟାପଡ଼ା ଗ୍ରାମର +୩ ମହାବିଦ୍ୟାଳୟ ସମ୍ମୁଖରେ ଥିବା ୨୫କେଭି ବିଦ୍ୟୁତ ଟ୍ରାନ୍ସଫର୍ମର ଉପରେ ୨୬ଜଣ ବିଦ୍ୟୁତ ଉପଭୋକ୍ତା ସହ ଅନେକ ବ୍ୟବସାୟିକ ଅନୁଷ୍ଠାନ ନିର୍ଭର କରୁଛନ୍ତି। ଏହା ଫଳରେ ଟ୍ରାନ୍ସଫର୍ମର ଉପରେ ଅଧିକ ଲୋଡ୍ ପଡଛି। ଏଣୁ ବାରମ୍ବାର ଫ୍ୟୁଜ୍ ଯାଉଛି। ତା ସହ ଅଧିକାଂଶ ସମୟ ଲୋ ଭୋଲଟେଜ ରହୁଛି। ବର୍ତ୍ତମାନ ବୌଦ୍ଧ ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଲାଗି ରହିଛି। ଏଣୁ ଛୋଟ ଛୁଆ, ରୋଗୀ, ଗର୍ଭବତୀ ମହିଳା ଅସୁବିଧା ଭୋଗୁଛନ୍ତି। ଲୋଭୋଲଟେଜ୍ ଯୋଗୁଁ ବିଦ୍ୟୁତ ଉପକରଣ ଟିଭି, ଫ୍ରିଜ, କୁଳର, ଏସି ଇତ୍ୟାଦି ନଷ୍ଟ ହୋଇଗଲାଣି। ତା ସହ ନିତିଦିନ ବ୍ୟବହାର ହେଉଥିବା ପାଣି ମଟର, ଫ୍ୟାନ୍ ମଧ୍ୟ ଚାଲୁ ନାହିଁ। ବିଦ୍ୟୁତ ଉପଭୋକ୍ତା ୮ ମାସ ତଳେ ମନମୁଣ୍ଡା ବିଦ୍ୟୁତ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଏସଡିଓ ସେଠାକୁ ଆସି ଖୁବ୍ ଶିଘ୍ର ଏହି ଲୋଭୋଲଟେଜ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ; ହେଲେ ଆଜି ପର୍ଯ୍ୟନ୍ତ ସମାଧାନ ହୋଇ ନ ଥିବାରୁ ଉପଭୋକ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ କଥା କେହି କର୍ଣ୍ଣପାତ କରୁ ନ ଥିବା ଗ୍ରାମର କରୁଣାକର ସାହୁ, ବୁଲୁ ସାହୁ, ଚିତ୍ତରଞ୍ଜନ ସାହୁ, ବିମ୍ବାଧର ପଧାନ, ସୁରେଶ ଚନ୍ଦ୍ର ମହାପାତ୍ର, ସୁଶାନ୍ତ ସାହୁ, ଅଶୋକ ଦେହୁରୀ, ଜୟ ଦେହୁରୀ, ହେମନ୍ତ ଭୋଇ, ରାଜେନ୍ଦ୍ର ଦାସ, ଭୋଲେଶ୍ୱର୍ ରଣା, ପ୍ରିତମ ସାହୁ, ରଘୁନାଥ ସାହୁ, ସୂର୍ଯ୍ୟ ଦେହୁରୀ, ଆନନ୍ଦ ସାହୁ, ହରପ୍ରସାଦ ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ପଦକ୍ଷେପ ନେଇ ଲୋଭୋଲଟେଜ୍ ସମସ୍ୟାର ସମାଧାନ କରିବା ପାଇଁ ଏମାନେ ଦାବି କରିଛନ୍ତି। ଅନ୍ୟଥା ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

# ଖବର ପ୍ରକାଶ ପରେ ନଳକୂପ ମରାମତି

**ଶଗଡ଼ା, ୨୯ ।୩(ସମିସ):**




ଜୟଦପୁର ଦଳିତ ପଡ଼ାରେ ଥିବା ନଳକୂପ ମରାମତି କରାଯାଇଛି। ଦୀର୍ଘ ୧୫ ଦିନ ହେଲା ଏହା ନଳକୂଅ ଅଚଳ ହୋଇ ପଡ଼ିଥିଲା। ଶନିବାର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ସମସ୍ୟାର ସମାଧାନ ହୋଇଛି। ପ୍ରତ୍ୟେକ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ସରକାର ଅନେକ ଯୋଜନା ପ୍ରଣୟନ କରି ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅଭିଯୋଗ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ସରକାରୀ ନିର୍ଦ୍ଦେଶ ରହିଛି; ହେଲେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ଯୋଗୁଁ ଲୋକେ ବାସ୍ତବରେ ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଗୁଡଭେଲିପଦର ପଞ୍ଚାୟତ ଜୟଦପୁର ଦଳିତ ପଡ଼ାରେ ଥିବା ନଳକୂପ ୧୫ ଦିନରୁ ଅଧିକ ହେବ ଅଚଳ ହୋଇ ପଡ଼ିଥିଲା। ଗ୍ରାମରେ ପାଖାପାଖି ୨୦ ପରିବାରର ପାଖାପାଖି ୮୦ ଜଣ ଲୋକ ବସବାସ କରୁଛନ୍ତି। ନଳକୂଅରୁ ପାଣି ବାହାରୁ ନ ଥିବା ଯୋଗୁଁ ଲୋକେ ପାଣି ପାଇଁ ବହୁତ ହଇରାଣ ହେଉଥିବା ଅଭିଯୋଗ ହୋଇଥିଲା। ବର୍ତ୍ତମାନ ଖରା ଦିନ ଆରମ୍ଭ ହୋଇଥିବାରୁ ପାନୀୟ ଜଳ ପାଇଁ ସମସ୍ୟା ଦ୍ୱିଗୁଣିତ ହେଉଛି। ଲୋକେ ୨ କିମି ଦୂରରେ ଥିବା ମେହେରୁଣି ନାଳରୁ ପାଣି ଆଣି ପିଇବା ସହ ନିଜର ଅନ୍ୟାନ୍ୟ ଆବଶ୍ୟକତା ମେଣ୍ଟାଉ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ନଳକୂପ ମରାମତି କରିବା ପାଇଁ ସ୍ଥାନୀୟ କର୍ମଚାରୀ ଓ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ସୁଦ୍ଧା ଏହାର ସମାଧାନ ହେଉ ନ ଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ। ଏ ନେଇ ଶନିବାର ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ ଓ ବୌଦ୍ଧ ଜିଲ୍ଲାର ମନଧର କର୍ମୀ ଟୁଇଟ କରି ଜଳ ଓ ପରିମଳ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ବିଭାଗ ପକ୍ଷରୁ ନଳକୂପ ମରାମତି କରା ଯିବା ପରେ ଲୋକେ ପାଣି ପାଇ ଖୁସି ବ୍ୟକ୍ତ କରିବା ସହ ସକାଳକୁ ଧନ୍ୟବାଦ ଜଣାଇଛନ୍ତି।

# ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ



**ବିନିକା, ୨୯ ।୩(ସମିସ):** ଓଡ଼ିଶା ରାଜ୍ୟବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ସଭାପତି ବିଶ୍ୱରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ ସାରାରାଜ୍ୟର ବିଭିନ୍ନ ସ୍ଥାନରେ ମତ ଓ ମନ୍ତବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି ପରିପ୍ରେକ୍ଷୀରେ ବିନିକା ବ୍ଲକ ସଂଯୋଜକ ଅଧ୍ୟାପକ ବିଶ୍ୱନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ଜୟାନନ୍ଦ ପାଣିଗ୍ରାହୀ ଯୋଗଦେଇ ନିଜର ମତ ଉପସ୍ଥାପନା କରିଥିଲେ ।ସେ କହିଥିଲେ ଯେ ସଂଘର ଦାବି ଅନୁଯାୟୀଗତ୧.୬.୨୦୦୮ଠାରୁ୧.୬.୨୦୧୮ ପର୍ଯ୍ୟନ୍ତ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀଙ୍କୁ ଅନୁଦାନ ପରିସର ଭୁକ୍ତ କରିବା ନିମନ୍ତେ ରାଜ୍ୟର କୋଣ ଅନୁକୋଣରୁ ଦେଢ଼ଲକ୍ଷ ସମ୍ବଳିତ ଦସ୍ତାବିଜ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି । ହେଲେ ଅଦ୍ୟାବଧି କୌଣସି ସୁଫଳ ନମିଳିବାରୁ ସରକାରଙ୍କୁ ଚେତାଇ ଦେବା ଉଦ୍ଦେଶ୍ୟରେ ରାଜ୍ୟ ସାରା ମତ ମନ୍ତବ୍ୟ କାର୍ଯ୍ୟକ୍ରମ ଚାଲୁ ରହିଛି ।ବ୍ଲକର ବିଭିନ୍ନ ମହାବିଦ୍ୟାଳୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।ଅଧ୍ୟାପକ ମାନସ ରଞ୍ଜନ ମିଶ୍ର, ଝଲକ ମିଶ୍ର, ରୋହିତ ଧରୁଆ, ମାନସ ନାୟକ, ଅଧ୍ୟାପିକା ପ୍ରମିତା କୁମାରୀ ମିଶ୍ର, ଡିବ୍ୟାଲୋକା ମହାପାତ୍ର, ମିତାଲି ପ୍ରଧାନ, ଭାରତୀ ବାବୁ ପ୍ରମୁଖ ସାମିଲ ହୋଇଥିଲେ ।

## ଦାଦନ ଶ୍ରମିକ ନିର୍ଯାତନା ଘଟଣା

# ଶିକ୍ଷକ ସାଜିଛନ୍ତି ଦାଦନ ସର୍ଦ୍ଦାର

**ବେଲପଡ଼ା, ୨୯ ।୩(ସମିସ)**

ବେଲପଡ଼ା ଅଞ୍ଚଳରେ ଥମୁନି ଦାଦନ ନିର୍ଯାତନା ଘଟଣା । ଦିନକୁ ଦିନ ନୂଆତଥ୍ୟ ପଦାକୁ ଆସୁଥିବା ବେଳେ ଏବେ ଜଣେ ଶିକ୍ଷକ ଦାଦନ ସର୍ଦ୍ଦାର ସାଜିଥିବା ଚର୍ଚ୍ଚାର ବିଷୟ ପାଲଟିଛି । ବଲାଙ୍ଗିର ଜିଲ୍ଲା ବେଲପଡ଼ା ବ୍ଲକରେ ଜଣେ ଶିକ୍ଷକ ଦାଦନ ସର୍ଦ୍ଦାର ସାଜି ଶ୍ରମିକଙ୍କୁ ବେଆଇନ ଭାବେ ବାହାର ରାଜ୍ୟକୁ ଚାଲାଣ କରିଥିବା ଜଣାପଡ଼ିଛି । ଏନେଇ ଉଦ୍ଧାର ଦାଦନ ଶ୍ରମିକ ମାନଙ୍କ ପକ୍ଷରୁ ବେଲପଡ଼ା ଥାନାରେ ଲିଖିତ ଅଭିଯୋଗ ପରେ ଘଟଣା ପ୍ରଘଟ ହୋଇଛି । ଏମିତି କି ସମ୍ପୃକ୍ତ ଶିକ୍ଷକଙ୍କ ନାଁରେ ଥାନାରେ ମାମଲା ହୋଇଥିବା ମଧ୍ୟ ଜଣାପଡ଼ିଛି । ପ୍ରାପ୍ତ ସୂଚନା ମତେ ବେଲପଡ଼ା ବ୍ଲକ ଥାନା ମଣ୍ଡଳ ଗାଁର ମୁନା ଓରଫ ପ୍ରତାପ କୁମାର ଅଗସ୍ତି ସେ ଜଣେ ଖେଳ ଶିକ୍ଷକ । ବେଲପଡ଼ା ବ୍ଲକ ଜଲିଆ ଗାଁରେ ଥିବା ପ୍ରାଥମିକ ନୋଡାଲ ବିଦ୍ୟାଳୟରେ ସେ ପିଇଟି ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି । ତେବେ ସେ ପ୍ରତିବର୍ଷ ବେଆଇନ ଦାଦନ ଚାଲାଣ କରୁଥିବା ଅଭିଯୋଗ ରହିଛି ।ଚଳିତ ବର୍ଷ ମଧ୍ୟ ବେଲପଡ଼ା ବ୍ଲକର ତେନ୍ତୁଳିମୁଣ୍ଡା, ସର୍ଗିଗୁଡା, ରାଡ଼ବାହାଲ ଏବଂ ବାଘୁଆବାହାଲ ଗାଁର ପ୍ରାୟ ୩୦ଜଣ ଦାଦନ ଶ୍ରମିକକୁ ଜାନୁଆରୀ ମାସରେ ମୁଣ୍ଡପିଛା ୪୦ ହଜାର ଟଙ୍କା ବଇନା ଦେଇ ଆନ୍ଧ୍ରପ୍ରଦେଶର କାଲିଶ୍ରୀ ଅଞ୍ଚଳକୁ ଦାଦନ ଖଟାଇବାକୁ ନେଇଥିଲେ ।ସେଠାରେ କିଛି ମାସ କାମ କଲାପରେ ଇଟାଭାଟି ମାଲିକ ଦ୍ୱାରା ଶ୍ରମିକମାନେ ନିର୍ଯାତନାର ଶିକାର ହୋଇଥିଲେ ।ଅତ୍ୟଧିକ କାମକୁ ଠିକଭାବେ ଖାଇବା ପିଇବା ନଦେଇ ଦିନରାତ୍ରି କାମ କରାଇବାକୁ ଶ୍ରମିକମାନଙ୍କୁ ବାଧ କରୁଥିଲା ।ଯାହାର ଭିଡିଓ କରି ଓଡ଼ିଶା ପ୍ରଶାସନକୁ ଉଦ୍ଧାର ପାଇଁ ନିବେଦନ କରିଥିଲେ ।ଏହାପରେ ସ୍ଥାନୀୟ ପ୍ରଶାସନ ଦ୍ୱାରା ଶ୍ରମିକମାନେ ଉଦ୍ଧାର ହୋଇଥିଲେ ।ତଥାପି ଦାଦନ ସର୍ଦ୍ଦାର ଶ୍ରମିକଙ୍କୁ ଧମକ ଚମକ କରିଥିବା ଶ୍ରମିକମାନେ ଅଭିଯୋଗ ଆଣି ବେଲପଡ଼ା ଥାନାରେ ଦାଦନ ସର୍ଦ୍ଦାର ମୁନା ଅଗସ୍ତି ସହଯୋଗୀ କେଶବ ଓ ରତନ ନାଁରେ ଲିଖିତ ଅଭିଯୋଗ କରିଥିଲେ ।ଏନେଇ ଥାନରେ ମାମଲା ମଧ୍ୟ ରୁଜୁ ହୋଇଥିବା ଜଣାପଡ଼ିଛି ।ହେଲେ ପୁଲିସ ଦାଦନ ସର୍ଦ୍ଦାରମାନଙ୍କୁ ଗିରଫ କରିବାକୁ ସାହସ ପାଉନି ।ଯାହାକୁ ନେଇ ଶ୍ରମିକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି ।ଅନ୍ୟପଟେ ଜଣେ ଶିକ୍ଷକ ଦାଦନ ସର୍ଦ୍ଦାର ସାଜିବା ଚର୍ଚ୍ଚାର ବିଷୟ ପାଲଟିଛି ।ତୁରନ୍ତ ତାଙ୍କ ବିରୋରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି ।ତେବେ ଗତ କିଛି ମାସ ହେବ ଶିକ୍ଷକ ଜଣକ ସ୍କୁଲ ଆସୁନଥିବା ପ୍ରଧାନଶିକ୍ଷୟିତ୍ରୀ ସୂଚନା ଦେଇଛନ୍ତି ।ଅନ୍ୟପଟେ ତଦନ୍ତ ପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେଇ ଶ୍ରମ ନିରୀକ୍ଷକ ବିନୋଦ ବିହାରୀ ନାଏକ ସୂଚନା ଦେଇଛନ୍ତି ।ତେବେ ପୁଲିସ କେବେ କାର୍ଯ୍ୟାନୁଷ୍ଠାନ ନେଉଛି ତାକୁ ନେଇ ଅପେକ୍ଷା ।ବିଭାଗୀୟ ଅଧିକାରୀ ଏଦିଗରେ ଦୃଷ୍ଟି ଦେଇ ଉପଯୁକ୍ତ ନ୍ୟାୟ ପାଇଁ ତେନ୍ତୁଳିମୁଣ୍ଡା ଗାଁର ରବୀନ୍ଦ୍ର ଶବର, ରେଣୁକା ଶବର, ବାଘୁଆବାହାଲ ଗାଁର ସହଦେବ ଭୁଏ, ସେବତୀ ଭୁଏ, ସର୍ଗିଗୁଡା ଯୁଗେଶ୍ୱର ବାଗ, ଝିଲି ବାଗ, ଜଗନ୍ନାଥ ବାଗ, ନନ୍ଦୀ ବାଗ, ମାଧୁରୀ ବାଗ ବଳଦେବ ବାଗ, ଚନ୍ଦ୍ର ଶେଖର ବାଗ, ଦହନା ବାଗ, ଭୀଷ୍ମ ବାଗ, ହୃଷିକେଶ ବାଗବାହାଲ ଗାଁର ଗଙ୍ଗା ବାରଲେବିଡ଼ିଆ, ଯମୁନା ବାରଲେବିଡ଼ିଆ, ରତ୍ତୁ, ରଚନା ହରେରାମ, ପ୍ରମୁଖ ଦାବି କରିଛନ୍ତି ।

**ମାମଲା ରୁଜୁ ପରେ ବି ପୁଲିସ ନିରବ**

# ବାସନ୍ତିକ ଦୁର୍ଗାପୂଜା ପାଇଁ କଳସ ଯାତ୍ରା




**ବୀରମହାରାଜପୁର, ୨୯ ।୩(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସହର ତ୍ରିବେଣୀ ଛକରେ ନବ ଦିନାତ୍ମକ ବାସନ୍ତୀକ ଦୁର୍ଗାପୂଜା ପାଇଁ ଶନିବାର କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବୀରମହାରାଜପୁର ଐତିହାସିକ ରଜାବନ୍ଧରୁ କଳସ ଶୋଭା ଯାତ୍ରାରେ ବାହାରି ଜଗନ୍ନାଥ ମନ୍ଦିର ଛକ, ମୁଖ୍ୟ ଛକ ନନ୍ଦିଘୋଷ ଛକ ଦେଇ ଶୋଭା ଯାତ୍ରା ଦୁର୍ଗା ମନ୍ଦିରରେ ପହଞ୍ଚିଥିଲା । କର୍ତ୍ତା ଭାବରେ ଶ୍ରୀନିବାସ ରଥ ଓ ତାଙ୍କ ଧର୍ମପତ୍ନୀ ବାସନ୍ତୀ ରଥ କାର୍ଯ୍ୟ ତୁଲାଇଥିବା ବେଳେ ପଣ୍ଡିତ ମନ ରଞ୍ଜନ ଦାସ ମୁଖ୍ୟ ପୂଜକ ଭାବରେ କାର୍ଯ୍ୟ କରୁଛନ୍ତି ।ବିଳମ୍ବିତ ରାତିରୁ ହୋମ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟିର ସଭାପତି ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି ।

# ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକସଭା

**ତରଭା, ୨୯ ।୩ (ସମିସ):** ସୋନପୁର ବିଧାନସଭା ଆସନର ପୂର୍ବତନ ବିଧାୟକ ଦେବରାଜ ସେଠଙ୍କ ବିୟୋଗରେ ଶୋକସଭା ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପବ୍ଲିକ ସ୍କୁଲରେ ପୂର୍ବତନ ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବରିଷ୍ଠ ନାଗରିକ କମିଟି ସଭାପତି ଦେବେନ୍ଦ୍ର ବିଜୟ ସାହୁ, ହରିବନ୍ଧୁ ପାଣିଗ୍ରାହୀ, ବିରଞ୍ଚି ନାରାୟଣ ମାହାଣା, ପୂର୍ବତନ ନଗରପାଳ ଶୈଳେନ୍ଦ୍ର ସାହୁ, ଜୟପ୍ରକାଶ ନାରାୟଣ ସାହୁ, ରାମକୃଷ୍ଣ ସାହୁ, ରାଜକିଶୋର ସାହୁ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ ।

# ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ପୁଲିସ୍ ୟୁନିଟ୍‌ର ତାଲିମ



**ବଲାଙ୍ଗିର, ୨୯ ।୩(ସମିସ):** ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର ପୁଲିସ୍ ୟୁନିଟ୍‌ର ତାଲିମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠୀ, ସମ୍ମାନିତ ଅତିଥି ଭାବେ ଗୁଣନିଧି ମଲ୍ଲିକ, ଅତିଥି ଭାବେ ଶିଶୁ ମଙ୍ଗଳ ସମିତି ର ଅଧକ୍ଷ ଲମ୍ବୋଦର ଦୀପ ଉପସ୍ଥିତ ରହି ପୋଲିସ ଲୋକଙ୍କର ବନ୍ଧୁ ହୋଇଥିବାବେଳେ ସର୍ବୋତ୍ତମ ସହାୟକ ଭାବେ କାର୍ଯ୍ୟ ତୁଲାଇ ଆସୁଛନ୍ତି । ଏହି ଅବସରରେ ତାଲିମର ଲକ୍ଷ୍ୟ, ଉଦ୍ଦେଶ୍ୟ ଉପରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ୍ ପରିବିକ୍ଷକ ଅଧିକାରୀ ଭାବେ ଦିଗମ୍ବର କର ଜଣାଇଥିଲେ । ତାଲିମଦାତା ଭାବେ ପୂର୍ବତନ ଶିଶୁ ମଙ୍ଗଳ ସମିତିର ସଭ୍ୟ ନନ୍ଦିକିଶୋର୍ ସାଣ୍ଟ ଉପସ୍ଥିତ ରହି ଶିଶୁଙ୍କୁ ଯୌନ ନିର୍ଯାତନାରୁ ରକ୍ଷା କରିବା ଆଇନ୍ ୨୦୧୨, ପିସିଏଣ୍ଡ ପିଏନ୍ ଡିଟି ଆକ୍ଟ ୧୯୯୪, କିଶୋର ନ୍ୟାୟ ଆଇନ୍ ୨୦୧୫, ମିଶନ ବାତ୍ସଲ୍ୟ ୨୦୨୨ ଉପରେ ଜଣାଇଥିଲେ । ତାଲିମରେ ଜିଲ୍ଲାର ୨୨ଟି ପୁଲିସ ଥାନାରୁ ଆଇଆଇସି ଓ ଏସ ଯେପିୟୁ ସଭ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶ୍ରଦ୍ଧାଞ୍ଜଳି ସିଂ, ଶୁଭମ୍ ଜେନା, ବସନ୍ତ ହର୍ପାଲ, ସୁଦନ ଖମାରୀ, ସୁନ୍ଦର ସା ସକ୍ରିୟ ଅଂଶଗ୍ରହଣ କରିଥିଲେ ।ଶେଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ଅରୁଣ ଖୁଆସ ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ ।

# ବିକଶିତ ଭାରତ ପ୍ରତିଯୋଗିତାରେ କଣ୍ଟାବାଞ୍ଜିର ଝିଅ



**କଣ୍ଟାବାଞ୍ଜି, ୨୯ ।୩(ସମିସ):** ଏନ୍ ଜାହ୍ନବୀ ଦୋରା ଗତ ୨୫ ଓ ୨୬ ତାରିଖରେ ଓଡ଼ିଶା ବିଧାନ ସଭା କନଫରେନ୍ସ ହଲରେ ହୋଇଥିବା ରାଜ୍ୟସ୍ତରୀୟ ବିକଶିତ ଭାରତ ଯୁବ ପାର୍ଲାମେଣ୍ଟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ଏପ୍ରିଲ ମାସ ୧ ରୁ ୩ ତାରିଖ ମଧ୍ୟରେ ଜାତୀୟସ୍ତରର ପ୍ରତିଯୋଗିତା ନୂଆ ଦିଲ୍ଲୀ ସ୍ଥିତ ପାର୍ଲାମେଣ୍ଟର କନଫରେନ୍ସ ହଲରେ ଅନୁଷ୍ଠିତ ହେବାକୁ ଥିବାକୁ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇଛନ୍ତି । ସେ ବର୍ତ୍ତମାନ ମହିଳା ସ୍ନାତକ ମହାବିଦ୍ୟାଳୟ କଣ୍ଟାବାଞ୍ଜିର ଅର୍ଥନୀତି ସମ୍ମାନର ଷଷ୍ଠ ସେମିଷ୍ଟରର ଛାତ୍ରୀ ଅଛନ୍ତି । ତାଙ୍କର ଏହି ସଫଳତା ପାଇଁ ଅଧ୍ୟକ୍ଷ ରାଜେନ୍ଦ୍ର ପୁରୋହିତ, ଅର୍ଥନୀତି ବିଭାଗର ମୁଖ୍ୟ ସୁନନ୍ଦା ରଥ ଓ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଜାହ୍ନବୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ଲୁକପଡ଼ା ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବଙ୍ଗୋମୁଣ୍ଡା, ୨୯ ।୩ (ସମିସ):** ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ଲୁକପଡ଼ା ସରକାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଖଇରା ପଞ୍ଚାୟତର ସରପଞ୍ଚ ସୁଶ୍ରୀ ବବିତା ବାଗ ସମ୍ମାନୀୟ ଅତିଥି ଭାବେ ଖଇରା ସ୍କୁଲ ପ୍ରଧାନଶିକ୍ଷକ ଶଶି ଭୂଷଣ ଖମାରୀ, ଏସଏମସି ସଭାପତି ଜୟନ୍ତୀ ମାଝୀ, ଏମଏଓଏସ ସଭାପତି ଚମାରୁ ମାଝୀ, ଅଙ୍ଗନୱାଡି କର୍ମୀ, ଆଶା ଦିଦି ପ୍ରମୁଖ ଯୋଗ ଦେଇଥିଲେ । ପ୍ରଧାନଶିକ୍ଷୟିତ୍ରୀ ମେନକା ପୁଟେଲ ସଭା ପତିତ୍ୱରେ ବିଶିଷ୍ଟ ଅତିଥି ଭାବରେ ଶିକ୍ଷବିତ ଅନିଲ କୁମାର ଖମାରୀ ଯୋଗଦେଇ ଛତ୍ରଛତ୍ରୀଙ୍କୁ ଉଦବୋଧନ ଦେଇଥିଲେ । ବିଦ୍ୟାଳୟ ସହକାରୀ ଶିକ୍ଷକ ସୁବ୍ରତ ରାୟ ଚୂଡ଼ାମଣି ନାଗ, ଡେଭିଡ ସିଂ ବରିହା ସହଯୋଗ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ବିଭିନ୍ନ ନାଚଗୀତ କରିଥିଲେ ।




# ପାଖନମୁଣ୍ଡା ବିଦ୍ୟାଳୟର ବାର୍ଷିକ ଉତ୍ସବ

**କଣ୍ଟାବାଞ୍ଜି, ୨୯ ।୩(ସମିସ):** ତୁରେକେଲା ବ୍ଲକ ପାଖନମୁଣ୍ଡା ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଫକୀର ଚରଣ ବିଶି ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହିତ କେମିତି ଆଗାମୀ ଦିନରେ ଭଲ ପାଠ ପଢ଼ି ଆଗକୁ ବଢ଼ି ଅଞ୍ଚଳର ନାରଖିବା ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କମେଇମୁଣ୍ଡା ସରପଞ୍ଚ ବିନୋଦିନୀ ନାଗ, ସ୍କୁଲ ପରିଚାଳନା କମିଟି ସଭାପତି କୈବଲ୍ୟ ମାଝୀ, ସାମାଜିକ କର୍ମୀ ଶ୍ୟାମସୁନ୍ଦର ପାତ୍ର ସହିତ ପ୍ରଧାନ ଶିକ୍ଷକ ହରିଶଙ୍କର ସାହୁ ମଞ୍ଚରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଦିଗ ଦର୍ଶନ ଦେଇଥିଲେ । ଶିକ୍ଷକ ମନୋଜ ତାଣ୍ଡି ସଭା ପରିଚାଳନା କରିଥିଠ । ସଭାକାର୍ଯ୍ୟ ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା ବିଶ୍ୱେଶ୍ୱର ମୁଦୁଲି ସାଂସ୍କୃତିକ କାର୍ଯ୍ୟକ୍ରମର ପରିଚଲୋନା କରିଥିଲେ । ଶେଷରେ ଶିକ୍ଷକ ଅଲେଖ ବନଗୁଲା ଧନ୍ୟବାଦ ଅର୍ପଣ କରିଥିଲେ ।



# କ୍ଷତ୍ରୀୟ ସମାଜର ଜିଲ୍ଲାସ୍ତରୀୟ ସମାବେଶ



**ସଇଁନ୍ତଳା, ୨୯ ।୩(ସମିସ):** ସଇଁତଲା ବ୍ଲକ ଟିକ୍ରାପଡ଼ା ଗାଁରେ ପାଟଣା କ୍ଷତ୍ରୀୟ ସମାଜ ଆନୁକୂଲ୍ୟରେ ବାସନ୍ତିକ ଦୁର୍ଗା ପୂଜା ଓ ଜିଲ୍ଲାସ୍ତରୀୟ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମା' ଦୁର୍ଗା, ଭଗବାନ ଶ୍ରୀରାମଙ୍କ ପୂଜାରେ ଗଣେଶରାମ ଠାକୁର ପୂଜକ ତଥା ଚନ୍ଦ୍ରମଣି ସିଂ ଦେଓ, ରତ୍ନମାଳା ସିଂ ଦେଓ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ ।ଏହା ପରେ ଶତାଧିକ ମହିଳା, ପୁରୁଷ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ । ଶୋଭାଯାତ୍ରା ପରେ କ୍ଷତ୍ରୀୟ ସମାଜ ଜିଲ୍ଲା ସଭାପତି ପ୍ରେମରାଜ ରାଜପୁତଙ୍କ ଅଧ୍ୟକ୍ଷତା ଓ କରମତଲା ଗୌନ୍ତିଆ ରାଜକିଶୋର ସିଂ ବୁଡ଼େକଙ୍କ ସଂଯୋଜନାରେ ସଭା ଅନୁଷ୍ଠିତ ହୋଇଥିଲା ।ଦେଓଗାଁ କଲେଜ ଅଧ୍ୟକ୍ଷ ରମେଶଚନ୍ଦ୍ର ପ୍ରଧାନୀ, ଭରସୁଜା କଲେଜ ଅଧ୍ୟକ୍ଷ କିଶୋର କୁମାର ଠାକୁର, ବୁଢ଼ାବାହାଲ ଜୋନ ସଭାପତି ଉଦୟ ସିଂ ଠାକୁର, ବିଜେପି ନେତା ମହେନ୍ଦ୍ର ସିଂ ଠାକୁର, ଦିଲ୍ଲୀପ ନାୟକ (ଖଡ଼ିଆଳ ଜୋନ), ଧୁମାଭଟା ସରପଞ୍ଚ ବନମାଳୀ ନାୟକ, ଧ୍ରୁବଚରଣ ଚିନ୍ଦା (ଧରବଗଡ଼) ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ ।ଏହି ଅବସରରେ ସାମ୍ବାଦିକ ରମାକାନ୍ତ ରାଜପଲିଆଙ୍କୁ ଶ୍ରେଷ୍ଠ ସାମ୍ବାଦିକ ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା ।ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟ ସୁଭାଷ ବୁଡ଼େକ, ବାସୁଦେବ ଚୌହାନ, ହୃଷିକେଶ ବୁଡ଼େକ, ଶିବପ୍ରସାଦ ବୁଡେକ, ସୀତାରାମ କରନ, କର୍ଲା ଗୌନ୍ତିଆ ଦୁର୍ଲଭ ସିଂ ବୁଡ଼େକ ମଞ୍ଚାସିନ ଥିଲେ ।ମୋହନ ନାଏକ ଅତିଥି ପରିଚୟ ଓ ମୋହନ ସୁନ୍ଦର ବୁଡ଼େକ ଧନ୍ୟବାଦ ଅର୍ପଣ କରିଥିଲେ । ନେହେରୁ ବୁଡେକ, ତ୍ରୈଲୋକ୍ୟ ଚିନ୍ଦା, ରୁକ୍ମଣ ନାଏକ, ବୀରଭଦ୍ର ବୁଡ଼େକ, ଭାଗ୍ୟବନ୍ତ ବିଶି, ଗହୀର ସିଂ, ନୃସିଂହ ବୁଡ଼େକ, ରାଜେଶ ନୀନା, ହାଡୁ ଭଞ୍ଜ ପ୍ରମୁଖ ସହଯୋଗ କରିଥିଲେ ।

# ଶିଶୁ ବିକାଶ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ବିନିକା, ୨୯ ।୩(ସମିସ):** ବିନିକା ସ୍ଥିତ ଶିଶୁ ବିକାଶ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି ।ସ୍କୁଲ ପରିଚାଳନା କମିଟି ସଭାପତି ଚିତ୍ରସେନ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ ଡ଼ ଅନିରୁଦ୍ଧ କୁରକୁରିଆ ଯୋଗଦେଇ କବିତା ମାଧ୍ୟମରେ ବିଭିନ୍ନ ପ୍ରକାରର ଉଦାହରଣ ଦେଇ ମାଁ ର ଭୂମିକା, ଶିବାଜୀଙ୍କ ଦେଶଭକ୍ତ, ଭଗତ ସିଂହଙ୍କ ଫାଶୀ କାହାଣୀ, ଶିଶୁଙ୍କୁ ଛୋଟ ବେଳରୁ ଶିକ୍ଷା ପ୍ରଦାନ ନେଇ ଅଭିଭାବକଙ୍କ କର୍ତ୍ତବ୍ୟ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଆଦି ଭଗବାନଙ୍କ ଯେଉଁ ଗୁଣ ରହିଛି ସେହି ଗୁଣକୁ ଅନୁସରଣ କରି ଶିକ୍ଷା ପ୍ରଦାନ କରିବା ଆଦି ଅନେକ ବିଷୟରେ ବୁଝାଇଥିଲେ । ।ସମ୍ମାନିତ ଅତିଥି ଭାବେ ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ଯୋଗଦେଇ ଶିକ୍ଷାର ଅଗ୍ରଗତି ନେଇ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ଏବଂ ଅଭିଭାବକଙ୍କ ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ ।ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା ।ଉତ୍ସବକୁ ସୁଧାଂଶୁ ଶେଖର ପୁରୋହିତ ସଂଯୋଜନା କରିଥିବା ବେଳେ ସ୍କୁଲ ପ୍ରଧାନଆଚାର୍ଯ୍ୟ ସୁଶ୍ରୀ ରିକି ମେହେର ସ୍ୱାଗତ ଭାଷଣ, ପରିଚାଳନା କମିଟି ସମ୍ପାଦକ ସର୍ବେଶ୍ୱର ପୁରୋହିତ ବାର୍ଷିକ ବିବରଣୀ ପଠନ କରିଥିଲେ ।ପରେ ବିଦ୍ୟା ମନ୍ଦିର ଅଧ୍ୟୟନ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

## ଆର୍‌ଏନ୍ ସିଂହଦେଓ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସପ୍ତମ ଦିବସ ମ୍ୟାଚ୍‌ରେ ସମ୍ବଲପୁର ବିଜୟୀ



**ବଲାଙ୍ଗିର, ୨୯।୩(ସମିସ)**

ମହାରାଜ ଆରଏନ ସିଂହଦେଓ ଫୁଟବଲ ଟୁର୍ଣ୍ଣାମେଣ୍ଟ କମିଟି ପକ୍ଷରୁ ଓ ଜିଲ୍ଲା କ୍ରୀଡ଼ା ସଂସଦ ସହଯୋଗରେ ବଲାଙ୍ଗିର ଗାନ୍ଧୀ ଷ୍ଟାଡିୟମରେ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସପ୍ତମ ଦିବସର ଖେଳ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ୩-୦ ଗୋଲରେ ବୀରମହାରାଜପୁରକୁ ହରାଇ ବିଜୟୀ ହେଲା । ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଡ.ବିଜୟାନନ୍ଦ ସେଠୀ ଓ ପୁଇଁନ୍ତଲା ବ୍ଲକ ଅଧ୍ୟକ୍ଷ ସରୋଜ ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଡେପୁଟି କଲେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର, ରାଜେନ୍ଦ୍ର କଲେଜ ଯୁକ୍ତ ଦୁଇ ଅଧ୍ୟକ୍ଷ ଆଲୋକ କୁମାର ମଙ୍ଗରାଜ, ସାମ୍ବାଦିକ ପାର୍ଥ ମହାପାତ୍ର ଓ କମିଟି ସଦସ୍ୟା ତଥା ପୂର୍ବତନ ପୌ÷ରାଧକ୍ଷା ଦମୟନ୍ତୀ ବାଗ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । କ୍ରୀଡା ସଂସଦର କୋଷାଧକ୍ଷ ହେମନ୍ତ କୁମାର ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।ଖେଳକୁ ସଞ୍ଜନ କୁଦେଇ, ଜିତେନ୍ଦ୍ର ପାତ୍ର, ଦେବାଶିଷ ବାଗ ଓ ଜିତୁ ଦଲାଇ ପରିଚାଳନା କରିଥିଲେ । କ୍ରୀଡା ସଂସଦର ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ ।ପୂର୍ବତନ ଖେଳାଳି ବିଭୁତି ଭୂଷଣ ପଣ୍ଡା ଓ ବଳରାମ ବିଷୋୟିଙ୍କୁ କମିଟି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଖେଳର ଶ୍ରେଷ୍ଠ ଖେଳାଳି ଭାବେ ସମ୍ବଲପୁର ଦଳର ଅଜୟ ଓରାମଙ୍କୁ ପୁରସ୍କୃତ କରାଯାଇଥିଲା ।ରମେଶ ବେହେରା, ଦିଲିପ ବଗର୍ତ୍ତି ବିରସେନ ସାହୁ, ଡୋଳାମଣି ବାଗ, ଚିନ୍ମୟ ସାହୁ, ଗୁପେନ୍ଦ୍ର ନାଗ, ଭୁପେନ୍ଦ୍ର ସିଂ ପ୍ରମୁଖ ସହଯୋଗ କରିଥିଲେ । ରବିବାର ବରଗଡ଼ ୟୁନାଇଟେଡ ଏଫସି ବନାମ ସମ୍ବଲପୁର ସିଦ୍ଧାଂଶୁ ଏଫସି ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ହେବ ବୋଲି କମିଟି ସଦସ୍ୟ ସନ୍ତୋଷ କୁମାର ଦନ୍ତା ସୂଚନା ଦେଇଛନ୍ତି ।

## ବାର୍ଷିକ ଉତ୍ସବରେ କମ୍ପୁଛି ସ୍କୁଲ, କଲେଜ

# ‘ଶିକ୍ଷାର ଉଦ୍ଦେଶ୍ୟ କେବଳ ଚାକିରି ନୁହେଁ’

### ● ଆମପାଣି ସରକାରୀ ଏସ୍ଏସ୍‌ଡି ଯୁକ୍ତ ଦୁଇ କଲେଜ



କୋକସରା, ୨୯ ।୩(ସମିସ): ଶିକ୍ଷା ଗ୍ରହଣ କରିବା କେବଳ ଚାକିରି ପାଇଁ ନୁହେଁ। ଶିକ୍ଷା ହେଉଛି ନିଜକୁ ଉତ୍ତମ ଭାବେ ଗଢ଼ିବାର ମାଧ୍ୟମ। ଚାକିରି କଲେ ହିଁ କେବଳ ଶିକ୍ଷା ଗ୍ରହଣ ସଫଳ ହୁଏ ନାହିଁ। ବରଂ ଯେ କୌଣସି କ୍ଷେତ୍ରରେ ସଫଳ ହେବା ହିଁ ଶିକ୍ଷା ଗ୍ରହଣର ସଫଳତା। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣିସ୍ଥିତ ସରକାରୀ ଏସ୍ଏସ୍‌ଡି ହାୟର ସେକେଣ୍ଡାରୀ ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ଏହି ମତ ପ୍ରକାଶ କରିଛନ୍ତି। କେଲେଜ ଅଧ୍ୟକ୍ଷ ଜୟ ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ହିମାଞ୍ଚଳ ମାଝୀ ମୁଖ୍ୟବକ୍ତା, ସମାଜ ମଙ୍ଗଳ ଅଧିକାରୀ ଅଶୋକ ପରିଡ଼ା, ଏସ୍ଏସଡି ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁଶାନ୍ତ ସାହୁ, ଆଦିବାସୀ ନେତା ରତ୍ନରାଜ ମାଝୀ, ସାମ୍ବାଦିକ ବିଜୟ ପଣ୍ଡା, ନକୁଳ ବାଣୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବକୁ ଅଧ୍ୟାପିକା ମାନିନୀ ହରିଚନ୍ଦନ ପରିଚାଳନା କରିଥିବାବେଳେ ଅଧ୍ୟାପକ ହବିରାମ ହରିଜନ ମଞ୍ଚ ସଂଯୋଜନା କରିଥିଲେ। ଅଧ୍ୟାପକ କ୍ଷମାନନ୍ଦ ତାଣ୍ଡି, ପୁଲସ୍ତି ମହାନନ୍ଦ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ● ଲେତେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଗୋଲାମୁଣ୍ଡା, ୨୯ ।୩(ସମିସ): ଗୋଲାମୁଣ୍ଡା ବ୍ଲକ ଗ୍ରିଣ୍ଡୋଲ କ୍ଲଷ୍ଟରସ୍ଥିତ ଲେତେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଦମୟନ୍ତୀ ଭୋଇ, ଗ୍ରିଣ୍ଡୋଲ କ୍ଲଷ୍ଟର ସିଆରସିସି ଗଜିନ୍ଦ୍ରି ନାଏକ, ସ୍କୁଲ ଶିକ୍ଷ୍ୟା ପରିଚାଳନା କମିଟି ସଭାପତି ସନ୍ତୋଷ ସେଠିଆ, ମୁରଲୀଧର ପଟେଲ, ଯମୁନା ତୋଲ୍ଲିଆ, ବିଜ୍ଞାନ ଶିକ୍ଷକ କୁମୁଦ ଚନ୍ଦ୍ର ପଟେଲ୍, ଲଳିତ ମଙ୍ଗରାଜ, ମୁନା ବାଗ, ଛତ୍ରସାଏ ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଅନିରୁଦ୍ଧ ଛତ୍ରିଆ ଅଧ୍ୟକ୍ଷତା କରିଥିଲେ। ଶିକ୍ଷକ ହମିଦ ବୋଡେକ୍ ସଭା ପରିଚାଳନା କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶିକ୍ଷକ ଭୁଜବଳ ଧାରୁଆ, ଶିକ୍ଷୟିତ୍ରୀ କୁମୁଦିନୀ ସୁନା, ବାସନ୍ତୀ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ● ୟଙ୍ଗ୍ ବ୍ଲଡ୍ ପବ୍ଲିକ ସ୍କୁଲ

ଭବାନୀପାଟଣା: ରୁପ୍ରାରୋଡ ୟଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲର ଦ୍ୱିତୀୟ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ନର୍ଲା ବ୍ଲକ ଲାଖଗୁଡାରେ ନୂତନ କ୍ୟାମ୍ପସ ଲୋକାର୍ପିତ ହୋଇଥିଲା। ରୁପ୍ରାରୋଡ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହେଇଥିଲା। ଉଦଯାପନୀ ସମାରୋହରେ ସ୍କୁଲର ଉପାଧ୍ୟକ୍ଷ ରତନ ଅଗ୍ରୱାଲ, ସମ୍ପାଦକ ସୁମିତ ଅଗ୍ରୱାଲ, ବରିଷ୍ଠ ସଦସ୍ୟ ଆନନ୍ଦ ଅଗ୍ରୱାଲ, ମହେଶ ଅଗ୍ରୱାଲ, କୈଳାଶ ଅଗ୍ରୱାଲ, ରୂପଚନ ଜୈନ, ପ୍ରଦୀପ ଅଗ୍ରୱାଲ ଓ ଦେବେଶ ଅଗ୍ରୱାଲ ପ୍ରମୁଖ ମଞ୍ଚାସୀନ ଥିଲେ। ଉପଦେଷ୍ଟା ଦେବୀଦେବ ଶର୍ମା ଓ ସୁବାସ ଚନ୍ଦ୍ର ଅଗ୍ରୱାଲ ଉପସ୍ଥିତ ଥିଲେ। ଭାଇସ ପ୍ରିନ୍ସପାଲ ବିଭୁ ରଞ୍ଜନ ମହାନ୍ତି ଅଧ୍ୟକ୍ଷତା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବା ସହ ବିଦ୍ୟାଳୟ ପାଇଁ ଜମିଦାନ କରିଥିବା ଜମିଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲର କୁନି କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ପରିବେଷିତ ହୋଇଥିଲା। ଶିକ୍ଷୟତ୍ରୀ ଅନିମା ଅଗ୍ରୱାଲ, ନିବେଦିତା ସାହୁ, ତୁଳସୀ ବେହେରା, ପ୍ରେମାଞ୍ଜଳୀ ପୋଢ, ପୂଜା ଅଗ୍ରୱାଲ, ଅଞ୍ଜୁ ବେହେରା, କୁନ୍ତୀ ଭୋଇ, ଶିକ୍ଷକ ବିଜୟ ମହାପାତ୍ର, ଚୈତନ୍ୟ ସାହୁ, ପଦ୍ମନାଭ ଝାଙ୍କର, ତୁଷାର ଗଉଡ, ଦେବେନ୍ଦ୍ର ସେନାପତିଙ୍କ ସମେତ ବିଦ୍ୟାଳୟର କର୍ମଚାରୀ ଧିରୋଜ ସେଠୀ, ସୁମିତ୍ରା ପୋଢ, ବୃନ୍ଦାବନ ସା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



### ● ଭବାନୀପାଟଣା ସରକାରୀ ମହିଳା ମହାବିଦ୍ୟାଳୟ

ଭବାନୀପାଟଣା: ସ୍ଥାନୀୟ ସରକାରୀ ମହିଳା ମହାବିଦ୍ୟାଳୟ ଓ ସରକାରୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ‘ଉଡାନ୍ - ୨୦୨୫’ ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଅଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ତ୍ରିଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଶିକ୍ଷା ବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ (ସମ୍ବଲପୁରର) ପ୍ରଫେସର ଉମା ଶଙ୍କର ଦାଶ ଉପସ୍ଥିତ ଥିଲାବେଳେ ମୁଖ୍ୟବକ୍ତା ଭାବେ ଭବାନୀପାଟଣା ଅଟୋନୋମସ୍ କଲେଜର ପୂର୍ବତନଅଧ୍ୟକ୍ଷ ଡ. ବାବା ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ନାଟ୍ୟ ଭୂଷଣ ପ୍ରଦୀପ ଡି.ମାଝୀ ଯୋଗଦେଇ ସମାଜରେ ନାରୀ ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଆଜିର ନାରୀ ଉଚ୍ଚ ଶିକ୍ଷିତା ହେବା ଫଳରେ ମହିଳା ସଶକ୍ତିକରଣର ବାସ୍ତବ ଅଂଶୀଦାର ହୋଇ ନିଜର ସୁଚିନ୍ତିତ ମତ ରଖିପାରୁଛି; ଯାହାକି ଏକ ବିକଶିତ ଦେଶ ଗଠନରେ ସହାୟକ ହୋଇ ପାରୁଛି ବୋଲି ଅତିଥି ମାନେ ମତ ରଖିଥିଲେ। ମଞ୍ଚ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଛାତ୍ରୀ ସଂସଦର ଉପଦେଷ୍ଟା ପ୍ରଫେସର ଧୀରେଶ ଚନ୍ଦ୍ର ନନ୍ଦ, ସହ ଉପଦେଷ୍ଟା ଡ. ରାଧାରାଣୀ ନାୟକ, ହାୟର ସେକେଣ୍ଡାରୀ ସହ ଉପଦେଷ୍ଟା ଡ. ସୁରେଶ୍ୱରୀ ବାଗ ଏବଂ ନାଟ୍ୟ ସଂସଦର ଉପସଭାପତି ପ୍ରଫେସର ସୁଚିଲତା ଜେନା ଉପସ୍ଥିତ ଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟର ଇତିହାସରେ ଟପ୍ପର୍ ହୋଇଥିବା




ଛାତ୍ରୀ ଦୀପ୍ତିମୟୀ ପାଣ୍ଡେ, ଯୁକ୍ତ ଦୁଇ କଳାରେ ଜିଲ୍ଲା ଟପ୍ପରହୋଇଥିବା ଛାତ୍ରୀ ତୁହାନି ଚାଲାନ୍, ୨୦୨୫ ନୂଆଦିଲ୍ଲୀର ସାଧାରଣତନ୍ତ୍ର ଦିବସରେ ଏନ୍ଏସ୍ଏସ୍ ପକ୍ଷରୁ ଅଂଶ ଗ୍ରହଣ କରିଥିବା ଛାତ୍ରୀ ଶିବାନୀ ବାଗ ଏବଂ ରଙ୍ଗୋଲି ଚିତ୍ରକଳାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ପାଇଁ ଗୌରବ ଆଣିଥିବା ଛାତ୍ରୀ ପ୍ରିୟଙ୍କା ବିଶ୍ୱାଳ ପ୍ରମୁଖଙ୍କୁ ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପିକା ଡ. ରାଧାରାଣୀ ନାୟକଙ୍କ ଲିଖିତ ଇଂରାଜୀ କବିତା ପୁସ୍ତକ ‘ଇକୋସ୍ ଫ୍ରମ୍ ଉଇଦିନ୍’କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ପରେ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଭିନ୍ନ ନୃତ୍ୟଗୀତର ସମ୍ଭାର ସହ ଅଧ୍ୟାପକ ଯୋଗେଶ୍ୱର ରଣାଙ୍କ ନେତୃତ୍ୱରେ ପରିବେଶିତ ନାଟକ ‘ମେଳି’ ବେଶ୍ ମନଛୁଆଁ ହୋଇଥିଲା। କାର୍ଯ୍ୟକ୍ରମକୁ ଛାତ୍ରୀ ଖୁସବୁ, ଅର୍ଚ୍ଚନା, ସୌମ୍ୟା, ସେଲିନା, ଅର୍ପିତା ଓ ସ୍ନେହାରାଣୀ ପ୍ରମୁଖ ସଂଯୋଜନା କରିଥିଲେ। ଅତିଥି ଅଧ୍ୟାପକ ଶଙ୍କର ଦଳାଇଙ୍କ ସହ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀ ତଥା କର୍ମଚାରୀ ମାନେ କାର୍ଯ୍ୟକ୍ରମ ସଫଳତା ପାଇଁ ସହଯୋଗ କରିଥିଲେ।

### ● ଇଚ୍ଛାପୁର ସରକାରୀ ଉପ୍ରା ବିଦ୍ୟାଳୟ




କଲମପୁର, ୨୯ ।୩(ସମିସ): କଳାହାଣ୍ଡି ଜିଲ୍ଲା କଲମପୁର ଗୋଷ୍ଠୀ ଶିକ୍ଷା ଅଧୀନ ଇଚ୍ଛାପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷା ରାଜ କୁମାରୀ ବାଗ ଏହି ବାର୍ଷିକ ଉତ୍ସବର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ମଧୁସ୍ମିତା ନାଏକ, ମୁଖ୍ୟ ବକ୍ତା ଭାବେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ ପଣ୍ଡା, ସମ୍ମାନୀୟ ଅତିଥି ଭାବେ ଅବସରପ୍ରାପ୍ତ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶୀଲ ମୁଣ୍ଡ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିଲ୍ଲୀପ ବେହେରା, ଦେପୁର ସରପଞ୍ଚ ଟିଙ୍କଲ ପାତ୍ର, ସମିତି ସଭ୍ୟା ବୁଦ୍ଧ ଭୋଇ, ପାତ୍ରବସା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନ୍ମଥ ମିଶ୍ର, ବରଗାଁ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ ମେହେର ପ୍ରମୁଖ ମଞ୍ଚରେ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ପଣ୍ଡା ବିଦ୍ୟାଳୟର ବିବରଣୀ ପଠନ କରିଥିଲେ। ଶିକ୍ଷକ ସୁଶୀଲ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଶିକ୍ଷକ ସୁଶାନ୍ତ ଛତ୍ରିଆ ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ରାହାସ ଟେଣ୍ଡକାରି, ନିବେଦିତା ମୁଣ୍ଡ ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ସୂର୍ଯ୍ୟକାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ● ଗମପେନୁର ସରକାରୀ ପ୍ରାଥମିକ ବିଦ୍ୟାଳୟ




ଭବାନୀପାଟଣା: ଗମପେନୁ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏହି ଉତ୍ସବରେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢଳଦେବ ମୁଣ୍ଡ, ଗୁଣ୍ଡରୀ ସରପଞ୍ଚ ହରିପ୍ରିୟା ମାଝୀ, ସମିତି ସଭ୍ୟ ପଦ୍ମିନୀ ପୁଝାରୀ, ଭଟାଙ୍ଗପଦର ସିଆରସିସି ମନୋଜ ସାହୁ, ଦୟାନିଧି ରାଉତ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଫଗୁନ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ସ୍ମୃତି ରଞ୍ଜନ ରଥ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀଛାତ୍ରଛାତୀଙ୍କୁ ପୁରସ୍କୃତ କରାଯାଇଥିଲା। ସାନକାର୍ଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀଣ ତାଣ୍ଡି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର ସହ ଶିକ୍ଷକ ଦାମୋଦର ସା ଧନ୍ୟବାଦ ଅର୍ପଣ କରିଥିଲେ।

### ● ଖଇରମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ଭବାନୀପାଟଣା: ଖଇରମାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଏବିଇଓ ହୃଷୀକେଶ ନାୟକ, ସମ୍ମାନିତ ଅତିଥି ଭାବେ ଏବିଇଓ ଜଗଦୀଶ ଚନ୍ଦ୍ର ମୁଣ୍ଡ, ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ନିହାରିକା ଦେବୀ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ମାଟିଆ ସାଧନକେନ୍ଦ୍ର ସଂଯୋଜକ ଦୁଷ୍ମନ୍ତ ସାହୁ ଯୋଗ ଦେଇଥିଲେ। ସିଆରସିସି ଧନଞ୍ଜୟ ସାହୁ ଉପସ୍ଥିତ ଥିଲେ। ଏସଏମସି ଚେଆରପର୍ସନ ଲୋକନାଥ ହେର୍ଣ୍ଣା ସଭାପତିତ୍ୱ କରିଥିଲେ। ପ୍ରଧାନ ଶିକ୍ଷକ ଆଲେକଜାଣ୍ଡର ଫିଲିପ୍ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ସୌଦାମିନୀ ସ୍ୱାଇଁ, ଭାରତୀ ବାରିକ, ଦୀପଶିଖା ମିଶ୍ର ଓ ଶିକ୍ଷକ ବାଞ୍ଛାନିଧି ମିଶ୍ର ପରିଚାଳନା କରିଥିଲେ।



### ● ନାନ୍ଦକନା ସରକାରୀ ପ୍ରାଥମିକ ବିଦ୍ୟାଳୟ



ଭବାନୀପାଟଣା: ନାନ୍ଦକନା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ରୂପେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଷିଆ ମେହେର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଢଳଦେବ ମୁଣ୍ଡ, ଭଟାଙ୍ଗପଦର ସରପଞ୍ଚ ଦଶମୀ ମାଝୀ, ସମିତି ସଭ୍ୟ ରୁପେନ ଛତ୍ରିଆ, ପିଇଓ ସୁଶାନ୍ତ ମାଝୀ, ଭଟାଙ୍ଗପଦର କ୍ଲଷ୍ଟରର ସିଆରସିସି ମନୋଜ ସାହୁ, ଶିକ୍ଷକ ଆଦିତ୍ୟ ପଣ୍ଡା ଓ ବିଦ୍ୟାଳୟ ସଭାପତି ରଘୁନାଥ ମାଝୀ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଅନିଲ ତ୍ରିପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଶଶୀ ଭୂଷଣ ବାଣୁଆ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଗୁଣପୁର ପ୍ରାଥମିକ ବିଦ୍ୟାଳୟ



ନର୍ଲା, ୨୯ ।୩(ସମିସ): ନର୍ଲା ବ୍ଲକ ବୁରାଟ କ୍ଲଷ୍ଟର ଅଧୀନ ଗୁଣପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଗାଡେବନ୍ଧ ପଞ୍ଚାୟତ ସରପଞ୍ଚ କବିତା ବାଗ, ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସୁଜାତା ସାହୁ, ୱାର୍ଡମେମ୍ବର ଡିଙ୍ଗର ମୁଣ୍ଡା ଓ ଗୌରୀ ମାଝୀ, ପୂର୍ବତନ ଛାତ୍ର ଅଜିତ୍ ସାହୁ, ପୂର୍ବତନ ଛାତ୍ର ତଥା ନବରଙ୍ଗପୁର ଥାନା ଭାରପ୍ରାପ୍ତ ଅଧିକାରୀ ଟଙ୍କଧର ମୁଣ୍ଡା, ଅମର ସିଂ ଯାନୀ, ରଣିପଟା ଉପ୍ରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରତ୍ନରାଜ ରଣା, ଗାଡେବନ୍ଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାକର ପାଣ୍ଡେ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧନୁର୍ଜ୍ୟ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ବଳରାମ ମାଝୀ, ଶିକ୍ଷକ କ୍ଷିତିଶ ଚନ୍ଦ୍ର ମାଝି, ଶିକ୍ଷକ ଲଳିତ ମୋହନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

### ● ଭାଲୁଟଙ୍ଗରା, ଗୋପାଳପୁର, ପଲସାପଡ଼ା ସ୍କୁଲ

ଭବାନୀପାଟଣା: ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର କ୍ଲଷ୍ଟରର ଭାଲୁଟଙ୍ଗରା, ଗୋପାଳପୁର, ପଲସାପଡ଼ା ଓ ପାଣିମୁଣ୍ଡା ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଭାଲୁଟଙ୍ଗରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ରୁଷିଆ ମେହେର ଯୋଗ ଦେଇଥିବାବେଳେ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳଦେବ ମୁଣ୍ଡ, ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ପ୍ରେସ୍ କ୍ଲବର ସଭାପତି ସୁଶୀଲ ବାଗ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ମାଝୀ, ପୂର୍ବତନ ସମିତିସଭ୍ୟ ଦୁର୍ଯ୍ୟୋଧନ ମାଝୀ, କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା, ସ୍କୁଲ ପରିଚାଳନା କମିଟି ସଭାପତି କିରଣ ମାଝୀ, ୱାର୍ଡସଭ୍ୟ ସଦାଶିବ ମାଝୀ, ମିତା ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନିମା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଶିକ୍ଷକ ଦୈତାରୀ ମାଝୀ ପରିଚାଳନା କରିଥିବାବେଳେ ଶିକ୍ଷକ ବେଣୁଧର ଶବର, ସୁଶାନ୍ତ ବାରିକ, ନଳିନୀକାନ୍ତି ମାଝୀ, ଅଙ୍ଗନୱାଡି କର୍ମୀ ପୂଜା ମାଝୀ, ରୀତା ମାଝୀ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମା ଗୋଜବାୟାଣୀ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଅତିଥିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।

ସେହିପରି ଗୋପାଳପୁର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭାରତ ଭୂଷଣ ସାହୁ, ବିଶିଷ୍ଟ ଅତିଥି ଭାବେ ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ ଶିକ୍ଷକ ଅନୀଲ ପାଢ଼ୀ, ସମ୍ମାନିତ ଅତିଥି ଭାବେ କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା, ବୀରେନ ପାଢ଼ୀ, ସ୍କୁଲ ପରିଚାଳନା କମିଟି ସଭାପତି ତପିନ୍ଦ୍ର ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ।




ବିଦ୍ୟାଳୟର ପ୍ରଧାନଶିକ୍ଷକ ଅରବିନ୍ଦ ଶବର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ମାନସରଞ୍ଜନ ଦୀପ ସଭା ପରିଚାଳନା ସହିତ ଧନ୍ୟବାଦ ଦେଇଥିଲେ। ପଲସାପଡ଼ା ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ କିଶୋର ପୁରୋହିତ, ସମ୍ମାନିତ ଅତିଥି ଭାବେ ନାଏବ ସରପଞ୍ଚ ସଞ୍ଜୀବ ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ପଣ୍ଡା, କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ା, ବରିଷ୍ଠ ଶିକ୍ଷକ ତପନ ଭୋଇ, ଶରତ ଚନ୍ଦ୍ର ସାହାଣୀ, ସୁରେନ୍ଦ୍ର ବିଶ୍ୱାଳ, ରଞ୍ଜନ ବୁଢ଼ିଆ, ସନ୍ତୋଷ ପରିଡ଼ା, ବରିଷ୍ଠ ନାଗରିକ ଅଶୋକ ପୁରୋହିତ, ଦେବାର୍ଚ୍ଚନ ପଣ୍ଡା, ସନାତନ ପଣ୍ଡା, ସ୍କୁଲ ପରିଚାଳନା କମିଟି ସଭାପତି ଲିଙ୍ଗରାଜ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିନ୍ତାମଣି ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସୋମବାର ଅଣ୍ଡା: ନାକ ଟେକିଲେଣି ଅଭିଭାବକ

**ଭବାନୀପାଟଣା, ୨୯ ।୩ (ସମିସ):**

ଭାରତୀୟ ଧର୍ମ ଓ ସଂସ୍କୃତିର ପ୍ରବହମାନ ଧାରାରେ ଶିବ ଉପାସନା ବହୁ ପ୍ରାଚୀନ। ପରିଣାମରେ ଗାଁ ଠାରୁ ସହରଯାଏଁ ସୋମବାର ଦିନଟିକୁ ମହାପ୍ରଭୁ ଶିବଙ୍କ ବାର ବୋଲି ଲୋକେ ମାନି ଚଳିଆସୁଛନ୍ତି। ଉକ୍ତଦିନ ଆଧିକାଂଶ ପରିବାରରେ ଆମିଷ ଭୋଜନକୁ ବାରଣ କରାଯାଉଥିବା ଦେଖିବାକୁ ମିଳେ। ପରିବାରର ଶିଶୁ ଠାରୁ ବୟସ୍କ ପର୍ଯ୍ୟନ୍ତ ଗୋଟିଏ ନିୟମରେ ବନ୍ଧା ଭଳି ସୋମବାର ଦିନ ଆମିଷ ଠାରୁ ଦୂରେଇ ରୁହନ୍ତି। କିନ୍ତୁ ଧର୍ମ ଆଧାରରେ ରାଜନୀତି କରୁଥିବା ବିଜେପି ଡବଲ ଇଞ୍ଜିନ ସରକାର ତାହା ସମ୍ପୂର୍ଣ୍ଣ ଯେମିତି ଭୁଲିଗଲେଣି। ଧର୍ମର ପରିଭାଷା ଅନ୍ଧବିଶ୍ୱାସ କି ପାରମ୍ପରିକ ଉତ୍ସବ ଭିତରେ ସୀମିତ ନୁହେଁ, ବରଂ ଧର୍ମୀୟ ଚେତନା ଏକ ଆଶାତୀତ ଉଜ୍ୱଳ ଦିବ୍ୟ ଅନୁଭୂତି ବୋଲି ବାରମ୍ବାର ବିଜେପିର ବହୁ ନେତା କହିଛନ୍ତି। ଅନ୍ୟପକ୍ଷରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ପୁଷ୍ଟିକର ଲଡୁ ଓ ଅଣ୍ଡା ଯୋଗାଇବାକୁ ଯାଇ ସୋମବାର ଦିନ ଅଣ୍ଡା ଖାଇବାର ବ୍ୟବସ୍ଥାଟିଏ ହାତକୁ ନେଇଛନ୍ତି। ଯାହାକି ଆଜି ବିଭିନ୍ନ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଶିଶୁ ଅବସ୍ଥାରୁ ଶୈବ ଧର୍ମର ସବୁ ସିଦ୍ଧାନ୍ତକୁ ଭୁଲିଯିବାର ରାସ୍ତାରେ ଛାତ୍ର ଗୋଷ୍ଠୀଙ୍କୁ ନେବାର ଏହା କି ପ୍ରକାର ନିଷ୍ପତ୍ତି କହି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବିଦ୍ୟାଳୟରେ ପ୍ରତି ସପ୍ତାହରେ ଦୁଇଥର ଅଣ୍ଡା ଦିଆଯାଉଥିଲା। ଏବେ ତିନିଥର ଯୋଗାଇ ସୋମବାର ଦିନକୁ ଯୋଡ଼ାଯାଇଛି। ସୋମବାର, ବୁଧବାର ଓ ଶୁକ୍ରବାର ଦିନ ଅଣ୍ଡା ଏବଂ ମାଣ୍ଡିଆରେ ପ୍ରସ୍ତୁତ ପୋଷଣଯୁକ୍ତ ଲଡୁକୁ ମଙ୍ଗଳବାର, ଗୁରୁବାର ଓ ଶନିବାର ଦିନ ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କୁ ଦିଆଯିବ। ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା ଅଧୀନରେ ଏପ୍ରିଲ ୧ ତାରିଖରୁ ୩ଟି ଲେଖାଏଁ ଲଡୁ ଓ ଅଣ୍ଡା ପ୍ରଦାନ କରାଯିବ। ଏ ନେଇ ପ୍ରଧାନମନ୍ତ୍ରୀ ପୋଷଣ ରାଜ୍ୟ ନୋଡାଲ ଅଧିକାରୀ ଗିରୀଶ ଚନ୍ଦ୍ର ସିଂହ ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ତେବେ ପାଚିକା ସହାୟିକାମାନେ ଏହି ଲଡୁ ତିଆରି କରିବେ। ଗୋଟିଏ ଲଡୁ ପାଇଁ ଖର୍ଚ୍ଚ ୩ଟଙ୍କା ୫୦ପଇସା ଧାର୍ଯ୍ୟ କରାଯାଇଛି। କିନ୍ତୁ ପ୍ରତି ଲଡୁ ପ୍ରସ୍ତୁତିରେ ମାତ୍ର ୩ଟଙ୍କା ୨୪ ପଇସା ଓ ଲଡୁ ତିଆରି କରିବା ଲାଗି ୨୬ପଇସା ରଖାଯାଇଛି। ମାଣ୍ଡିଆ ଚୁନା, ଗୁଡ଼, ଚିନାବାଦାମ, ଘିଅ, ରାଶି, ଗୁଜରାତି ଓ ଅଳେଇଚର ସମିଶ୍ରଣରେ ପ୍ରସ୍ତୁତି ହେବ। ସକାଳ ପ୍ରାର୍ଥନା ପରେ ଲଡୁ ବଣ୍ଟାଯିବ। ସ୍ଥାନୀୟ ବଜାରରୁ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ୧୫ଦିନିଆ ଭିତ୍ତିରେ ଲଡୁ ପାଇଁ ସମସ୍ତ ସାମଗ୍ରୀ କିଣି ମହଜୁଦ ରଖିବେ। ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଏହା ଏପ୍ରିଲ ୧ରୁ ନିୟମିତ ଚାଲିବ। ହେଲେ ଏଥି ନିମନ୍ତେ ଅନୁଦାନ କେବେ ଆସିବ ଏବଂ ଶିଶୁ ବାଟିକାରେ ଯୋଡି ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ଅନୁଦାନ ନେଇ କୌଣସି ସୂଚନା ବିଦ୍ୟାଳୟରେ ପହଞ୍ଚିନାହିଁ। ଶିଶୁ ବାଟିକାରେ ପ୍ରବେଶ ଉତ୍ସବ ଏପ୍ରିଲ ୨ରୁ ଆରମ୍ଭ ହେବ। ସେ ଭିତରେ ପିଏମ୍ ପୋଷଣ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ସମ୍ପାଦନ କରିବାକୁ ପଡ଼ିବ। ଲଡୁର ଗୁଣବତ୍ତା ପରୀକ୍ଷା ନିରୀକ୍ଷା ଦାୟିତ୍ୱ କାହାର ତାହା ଏବେ ବଡ଼ ପ୍ରଶ୍ନ। କାରଣ ସାଧାରଣ ମୁଢ଼ି ମୁଆଁ ଗୋଟାକୁ ୫ଟଙ୍କା ଏବଂ ଛୋଟ ରାଶି ଲଡୁ ଗୋଟିଏ ବଜାରରେ ୫ଟଙ୍କାରୁ ୭ଟଙ୍କା ହୋଇଥିବାବେଳେ ୩ଟଙ୍କା ୨୪ପଇସାର ଲଡୁ ସ୍ୱାସ୍ଥ୍ୟଲାଗି କେତେ ଫଳପ୍ରଦ ତାହା ସମୟ କହିବ। ଚଢ଼ା ଦରରେ ଅଣ୍ଡା କିଣି ବିଦ୍ୟାଳୟ ପ୍ରଧାନ ଶିକ୍ଷକମାନେ ଚିନ୍ତାରେ ପଡୁଥିଲେ। ଏବେ ଲଡୁ ପାଇଁ ସମୟ ଦେଇ ପିଲାଙ୍କୁ ବାଣ୍ଟିବେ କି ମୁଣ୍ଡବିନ୍ଧାର କାରଣ ବୋଲି ବିକଳ୍ପ ରାସ୍ତାରେ ଯିବେ ତାହା କହିବା ମୁସ୍କିଲ।

## ‘ବେଟି ବଚାଓ ବେଟି ପଢ଼ାଓ’ କାର୍ଯ୍ୟକ୍ରମ



କୋମନା.୨୯।୩(ସମିସ): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଉଲଭା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ‘ବେଟି ବଚାଓ ବେଟି ପଢ଼ାଓ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରଛାତ୍ରୀ ଦ୍ୱାରା ଗାଁ ପରିଭ୍ରମଣ ତଥା ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ଉମାଶଙ୍କର ରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସମାଜସେବୀ ଡ.କପିଳେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ନିଳେନ୍ଦ୍ରୀ ଆଡ଼ବଙ୍ଗ,ସିଆରସିସି ପ୍ରସନ୍ନ କୁମାର ପାଣ୍ଡେ,ଏସଏମସି ଚେୟାରମ୍ୟାନ ପୂର୍ଣ୍ଣଚନ୍ଦ୍ର ସୁନାନୀ ପ୍ରମୁଖ ଯୋଗଦେଇ ବେଟି ବଚାଓ ବେଟି ପଢ଼ାଓ ସମ୍ପୂହ ବିଷୟରେ ବୁଝାଇଥିଲେ। ଏସଏମସି ଚେୟାରମ୍ୟାନ ସ୍ୱଲିଖିତ କବିତା ପାଠ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଶିକ୍ଷକ କାଶ୍ୟପ ଚନ୍ଦ୍ର ସୁନାନୀ,ସନ୍ଧ୍ୟାରାଣୀ ହୋତା, ମମତା ପଧାନ, କୁନ୍ତି ବାଗ,ସ୍ମିତାଞ୍ଜଳି ହୋତା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

